### ନୂତନ ଜଙ୍ଗଲ ସୃଷ୍ଟି ପାଇଁ ମହିଳାଙ୍କ ନିଆରା ପ୍ରୟାସ

# ସବୁଜ ବିସ୍ଫୋରଣ ପାଇଁ ମଞ୍ଜିଗୋଲା ପ୍ରସ୍ତୁତ



- ଏକ ହଜାର ମଞ୍ଜି ଜଙ୍ଗଲରେ ଫିଙ୍ଗିବାକୁ ପ୍ରସ୍ତୁତ ହୋଇଛି ଜୈବିକ ଗୁଳା
- 'ଓଡୋ ପାଏନ୍' ପଡ଼ିଲେ ଜଙ୍ଗଲରେ ଫିଙ୍ଗିବେ ମଞ୍ଜି

ବଲାଙ୍ଗିର, ୧୫।୬(ସମିସ)

ଗଛ୍ ଥିଲେ ଆମେ ରହେମୁଁ। ଇଥର ଖରାର୍ ଲାଗି ତାଲୁ ସିଝି ଯେଇଛେ ଆଜ୍ଞା। ଦଶା ଭୁଗିସାରନୁ ନ। ଇ ବେଲାବୁଲି ଅଁଟା ବରକସ୍ ନେଇଁ କଲେ ଆର୍ ବଚୁଁତ୍ ନେଇଁ। ସବୁ ଫାଲେ ନେଇ କରିପାରଲେ କାଏଁ ହେଲା ଆମର୍ ଗାଁ ପାଖେ ଜେନ୍ ଜଙ୍ଗଲ ଅଛେ ହେତାକେ କୁଟ୍ ବହଲ୍ ଡବଲ୍ କରମୁଁ। ବିଞ୍ଜା ରଖୁଛୁଁ। ଓଡୋ ପାଏନ୍ ପଡୁନ୍ ସାଏର୍ ବିଞ୍ଜା ଗୁଲା ଫିକମୁଁ।

ଇଏ ହେଉଛି ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଅର୍ଜୁନପୁର ପଞ୍ଚାୟତସ୍ଥିତ ମଧୁପୁର ଗାଁର ଧରୁଆପଡ଼ାର କିଛି ମହିଳାଙ୍କ ପ୍ରତିକ୍ରିୟା। ଗ୍ରାମାଞ୍ଚଳର ମହିଳା, ଉଚ୍ଚଶିକ୍ଷିତ ନୁହନ୍ତି। କିନ୍ତୁ ପରିବେଶ ସୁରକ୍ଷା ପାଇଁ ସେମାନେ ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ଆମ ଶିକ୍ଷିତ ସମାଜ ପାଇଁ ଶିକ୍ଷଣୀୟ ଅଟେ।

ଆଉ କିଛିଦିନପରେ ଆସିବ ମୌସୁମୀ ବର୍ଷା ଆସିବ। ଟିଭି ମୋବାଇଲରୁ ଏହା ଜାଣିବା ପରେ ମଞ୍ଜି ସଂଗ୍ରହ କରିବାରେ ଲାଗି ପଡ଼ିଛନ୍ତି ଧରୁଆପଡ଼ାର ମହିଳାମାନେ। ଏଥର ପ୍ରଥମ ମୌସୁମୀ ବର୍ଷାରେ ଜଙ୍ଗଲରେ ମଞ୍ଜି ଫିଙ୍ଗିବାର ଯୋଜନା ରହିଛି। ଆମ୍ବ, ଜାମୁ, ନିମ୍ବ, ତେନ୍ତୁଳି। ଏହି ଚାରିପ୍ରକାର ଫଳର ପାଖାପାଖି ଏକ ହଜାର ମଞ୍ଜି ସଂଗ୍ରହ କରିଛନ୍ତି। ଗାଈର ଗୋବରରେ ଗୋଳା ତିଆରି କରି ତହିଁରେ ମଞ୍ଜି ଗୁଡ଼ିକ ଭର୍ତ୍ତି କରୁଛନ୍ତି। ଏବଂ ତାକୁ ଶୁଖାଇ ରଖୁଛନ୍ତି। ଜୈବିକ ପଦ୍ଧତିରେ ଏଭଳି ଭାବରେ ସେମାନେ ଗୋଳା ପ୍ରସ୍ତୁତ କରି ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି।

ପ୍ରକାଶ ଯେ ମଧୁପୁର ଗ୍ରାମକୁ ଲାଗି ଭୀମଡୁଙ୍ଗୁରୀ ସଂରକ୍ଷିତ ଜଙ୍ଗଲ ରହିଛି। ଏହ ସଂରକ୍ଷିତ ଜଙ୍ଗଲ ଅଧୀନ ବାଞ୍ଜୁଗୁଛା ଓ କୁରେଭନା ଜଙ୍ଗଲ ଗ୍ରାମବାସୀଙ୍କ ଜୀବନଜୀବିକାର ପ୍ରମୁଖ ମାଧ୍ୟମ ଅଟେ। ଏହି ଜଙ୍ଗଲରୁ ସେମାନେ କେନ୍ଦୁପତ୍ର, ରେଙ୍ଗାଲି ପତ୍ର, ଟୋଲ, ମହୁଲ, କୁସମ୍, ଚାଁର, ଆମ୍ବ, ଜାମୁ ତୋଳି ବଜାରକୁ ବିକ୍ରି କରିବାକୁ ନିଅନ୍ତି। କିଛି ଲୋକ ଜଙ୍ଗଲରୁ ଝାଡୁ ତିଆରି ଘାସ କାଟି ଝାଡୁ ତିଆରି କରନ୍ତି। ଜଙ୍ଗଲ ସହିତ ସ୍ଥାନୀୟ ଗ୍ରାମବାସୀଙ୍କ ପାରମ୍ପାରିକ ସମ୍ପର୍କ ରହିଛି। ତେଣୁ ଏହି ଜଙ୍ଗଲ କେମିତି ଆହୁରି ବୃଦ୍ଧି ପାଇବ ସେଥିପାଇଁ ଏଭଳି ଏକ ପଦକ୍ଷେପ ନେଇଥିବା ମହିଳାମାନେ କହିଛନ୍ତି। ମଧୁପୁରର ସୁଷମା ପୁଟା ଓ ସତ୍ୟବତୀ ପୁଟା ଏହାର ନେତୃତ୍ୱ ନେଇଛନ୍ତି। ସେମାନଙ୍କ ସହିତ କୁମ ଭୋଇ, କନକ ମାଝୀ, କେତକୀ ମାଝୀ, ମାଳତି ପୁଟା, ଝାର ମାଝୀ, ବିମଳା ଭୋଇ, କୁନ୍ତି ପୁଟା, ଯଶୋବନ୍ତି ପୁଟା, ଲତା ପୁଟା ସସ୍ମିତା ପୁଟା ଓ ଅନ୍ୟମାନେ ସାମିଲ ହୋଇଛନ୍ତି। ମହିଳାମାନଙ୍କ ଏଭଳି ପ୍ରୟାସକୁ ଚାରିଆଡେ ପ୍ରଶଂସା କରାଯାଉଛି। ନୂତନ ଜଙ୍ଗଲ ସୃଷ୍ଟି ପାଇଁ ସେମାନେ ଆପଣାଇଥିବା ଏହି ପଦକ୍ଷେପ ଅନୁକରଣୀୟ ବୋଲି ଲୋକେ କହୁଛନ୍ତି।

### ଏକୋଇଶିଆ ଯିବା ହେଲା କାଳ

## ଓଲଟିଲା ଅଟୋ: ଚାଳକ ମୃତ; ୬ ଗୁରୁତର

**ପାଟଣାଗଡ଼, ୧୫।୬(ସମିସ):** ଲରମ୍ଭା ଥାନା ଘସିଏନ୍ ମୁଖ୍ୟ ରାସ୍ତାର ପଞ୍ଚାୟତ କଲେଜ ଛକ ନିକଟସ୍ଥ ଏକ ବୁଲାଣିରେ ଭାରସାମ୍ୟ ହରାଇ ଏକ ଅଟୋ ଓଲଟି ପଡ଼ିବାରୁ ଅଟୋ ଚାଳକଙ୍କର ମୃତ୍ୟୁ ଘଟିଛି। ଓଟୋରେ ବସିଥିବା ଅନ୍ୟ ୬ ଜଣଯାତ୍ରୀ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ଅଟୋ ଚାଳକ ହେଲେ ଫୁଡୁକୁପଡ଼ା ଗାଁର କରୁଣାକର ମଲ୍ଲିକ (୪୦)। ସୂଚନା ଅନୁଯାୟୀ ପାଟଣାଗଡ଼ ଥାନା କେନ୍ଦୁମୁଣ୍ଡି ଗ୍ରାମର ୧୩ ଜଣ ମହିଳା ପୁରୁଷ ଓ ଶିଶୁ ମିଶି ଏକ ଅଟୋରେ ଲରମ୍ଭା ଥାନା ଅଧୀନ ଖୁର୍ସେଲ ଗାଁକୁ ଏକୋଇଶିଆ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ। ଘସିଏନ୍ ମୁଖ୍ୟରାସ୍ତା ପଞ୍ଚାୟତ କଲେଜର ଅନତି ଦୂରରେ ଥିବା ଏକ ବୁଲାଣିରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଅଟୋ ରେ ବସିଥିବା ୧୩ ମହିଳା ପୁରୁଷ, ଶିଶୁ ଓ ଚାଳକ ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଘସିଏନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ଅଟୋ ଚାଳକ କରୁଣାକର ମଲିକଙ୍କ ସହ ରାମ ସାହୁ, ଶୁଶିଲା ସାହୁ, ମମତା ସାହୁ, ବିଲ ସାହୁ, ପମିସାହୁ ଓ ଜିତ୍ ସାହୁଙ୍କ ଅବସ୍ଥା ଗୁରୁତରହେବାରୁ ସେମାନଙ୍କୁ ଆମ୍ବୁଲାନ୍ସ ପାଟଣାଗଡ଼ ଡାକ୍ତରଖାନା ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅଟୋ ଚାଳକ କରୁଣାକରଙ୍କ ମୃତ୍ୟୁ ଘଟିଥିବାବେଳେ ଦୁଇ ଶିଶୁ ରାମ ଓ ଜିତଙ୍କ ଡାହାଣ ହାତ ଭାଙ୍ଗିଯାଇଛି। ସେହିଭଳି ବିଲ, ପମିଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି। ମମତା ଓ ଶୁଶିଳାଙ୍କ ଛାତିରେ ଶକ୍ତ ଆଘାତ ଲାଗିଛି। ସମ୍ପର୍କୀୟମାନେ ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ଚିକିତ୍ସା କରାଉଥିବାବେଳେ ଅପରାହ୍ଣରେ ମୃତ ଅଟୋଚାଳକ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### କଣ୍ଟାବାଞ୍ଜି ନୂଆ ଇ-ସ୍ମାର୍ଟ୍ ପାର୍କ

# ଉଦ୍‌ଘାଟନର ୩ ମାସ ପରେ ବି ଖୋଲୁନି ତାଲା

**କଣ୍ଟାବାଞ୍ଜି, ୧୫।୬(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ପୌରପରିଷଦ ଅଞ୍ଚଳରେ ଏକ ସୁନ୍ଦର ପାର୍କ ନ ଥିଲା। ପୂର୍ବ ରୁ ଯେଉଁ ପାର୍କଗୁଡ଼ିକ ଥିଲା ସ୍ଥାନୀୟ ଏନ୍‌ଏସିର ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ସେହି ପାର୍କଗୁଡ଼ିକ ତାର ପରିଚୟ ହରାଇଛି। ଏହାପରେ ସହରବାସୀଙ୍କ ପାଇଁ ବଲାଙ୍ଗିର ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ କଣ୍ଟାବାଞ୍ଜି ପୌରପରିଷଦ ପକ୍ଷରୁ ସ୍ଥାନୀୟ ତହସିଲ ଅଫିସ ଛକ ନିକଟରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ଏକ ନୂଆଁ ଇ-ସ୍ମାଟ ପାର୍କ ନିର୍ମାଣ କରାଯାଇଛି। ଏନ୍‌ଏସି ଦ୍ୱାରା ନିର୍ମାଣ କରାଯାଇଥିବା ଏହି ପାର୍କରେ ପିଲାଙ୍କ ପାଇଁ ବିଭିନ୍ନ କୀଡ଼ା ସାମଗ୍ରୀର ବ୍ୟବସ୍ଥା ରହିଥିବାବେଳେ ସ୍ଥାନୀୟ ବାସିନ୍ଦା ଏବଂ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ବିଭିନ୍ନ



ଆନୁଷଙ୍ଗିକ ବ୍ୟବସ୍ଥା ରହିଛି। ଉଦ୍‌ଘାଟନକୁ ସରି ୩ ମାସ ଅଧିକ ସମୟ ହୋଇଥିଲେ ମଧ ଆଜିବି ପାର୍କରେ ତାଲା ପଡ଼ିଛି। ଏନେଇ କଣ୍ଟାବାଞ୍ଜି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗିର୍ଜା ଶଙ୍କର ମଲ୍ଲିକଙ୍କୁ ପଚାରିବାରୁ ଅଳ୍ପ କିଛି କାମ ରହିଯାଇଥିଲା, ତାହା ସରି ଗଲାଣି। ବହୁତ ଶ୍ରୀଘ୍ର ପାର୍କ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଏହି ପାର୍କ ଉଦ୍‌ଘାଟନ ହେବାପରେ ସହରବାସୀଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଥିବା ବେଳେ ମାସ ମାସ ହେଲା ପାର୍କ ରେ ତାଲା ପଡ଼ିଥିବା ଦେଖି ଏବେ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।




## ଡ୍ରେନ୍‌ରେ ପଡ଼ି ଯୁବକ ମୃତ

**ବଲାଙ୍ଗିର, ୧୫।୬(ସମିସ):** ଭାରସାମ୍ୟ ହରାଇ ଡ୍ରେନ୍ ତଳକୁ ବାଇକ୍ ପଶି ଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ବଲାଙ୍ଗିର କଂସାରୀ ପଡ଼ା ରେଳଷ୍ଟେସନ ରାସ୍ତାରେ ଏଭଳି ଏକ ଦୁର୍ଘଟଣା ଘଟିଛି। ମୃତ ଯୁବକ ଜଣକ କଂଶାରି ପଡ଼ାର ସୁଦୀପ୍ତ ପଟ୍ଟନାୟକ ବୋଲି ଜଣାପଡ଼ିଛି। ସୁଦୀପ୍ତ ଶନିବାର ଅପରାହ୍ଣରେ ରେଳଷ୍ଟେସନ ପଟୁ ଘରକୁ ଫେରୁଥିଲେ। ଏହି ସମୟରେ କଂଶାରୀ ପଡ଼ା ଛକଠାରେ ମୁକୁଳା ଥିବା ଡ୍ରେନରେ ତାଙ୍କ ବାଇକ୍ ପଶିଯାଇଥିଲା। ଫଳରେ ତାଙ୍କ ମୁଣ୍ଡ ଡ୍ରେନ ସ୍ଲାବ୍‌ରେ ପିଟି ହୋଇଯାଇଥିଲା। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାରକରି ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



## ଦେବାଳୟ ସୁରକ୍ଷା କମିଟି ବୈଠକ

**ବଲାଙ୍ଗିର, ୧୫।୬(ସମିସ) :** ବଲାଙ୍ଗିର ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ଦେବାଳୟ ସୁରକ୍ଷା କମିଟିର ବୈଠକ ଅନୁଷ୍ଠିତ ହୋଇଛି। ମନୋରଞ୍ଜନ ପୁରୋହିତଙ୍କ ସଭାପତିତ୍ୱରେ ବଲାଙ୍ଗିର ସହରର ଐତିହ୍ୟ ମନ୍ଦିରମାନଙ୍କ ସୁରକ୍ଷା ପାଇଁ ତିନି ମନ୍ଦିର କମିଟିର ସଦସ୍ୟମାନେ କାମକୁ ତଦାରଖ କରିଥିଲେ। ଆଗକୁ ବର୍ଷା ସମ୍ଭାବନା ଥିବାରୁ ମନ୍ଦିର ଭିତରକୁ ବର୍ଷା ପାଣି ଓ ନାଳ ନର୍ଦ୍ଦମା ଡ୍ରେନ ପାଣି ପ୍ରବେଶ କରୁଛି। ଏ ବିଷୟରେ ଆଲୋଚନା ହୋଇଥିବା ବେଳେ ଆଗକୁ ମଟର ପମ୍ପ ଏବଂ ନାଳିନର୍ଦ୍ଦମା ସଫା କରିବା ପାଇଁ ଦେବୋତ୍ତର ବିଭାଗଙ୍କ ସହ ୧୯ ତାରିଖ ଆଲୋଚନା ଏବଂ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଗତ ଜାନୁୟାରୀ ୩ ତାରିଖ ଦିନ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମା' ପାଟଣେଶ୍ୱରୀ ମନ୍ଦିରର ଉନ୍ନତିକରଣ କାମ ପାଇଁ ୧ କୋଟି ୧୨ ଲକ୍ଷ ଟଙ୍କା ପ୍ରଦାନ କରଥିଲେ। ଦୀର୍ଘ ୬ ମାସ ହେଲାଣି କାମ ଧିମେଇ ଯାଇଥିବାବେଳେ ମାତ୍ର ୪ଟି ପିଲର ନିର୍ମାଣ କରି କାମ ବନ୍ଦ ହୋଇଯାଇଛି। ସେହିପରି ମା' ସମଲେଇଶ୍ୱରୀ ମନ୍ଦିର ଉନ୍ନତିକରଣ ପାଇଁ ୩ କୋଟି ୧୫ ଲକ୍ଷ ଟଙ୍କା ଅନୁଦାନ ଦେଇଥିବା ବେଳେ ମାତ୍ର ମୁଖ୍ୟଦ୍ୱାର ଛାତ ଢଳେଇ କରି କାର୍ଯ୍ୟ ବନ୍ଦ ହୋଇଯାଇଛି। ଗମ୍ଭୀରା ଘର ଫାଟ ସୃଷ୍ଟି ହେଇଥିବା ବେଳେ ପାର୍ଶ୍ୱ ଦେବାଦେବୀ ଏବେ ବିପଦମୁଖରେ ସେହିପରି ଗୋପାଳଜୀ ମନ୍ଦିର ୫ କୋଟି ୭୨ଲକ୍ଷ ଟଙ୍କା ମନ୍ଦିର ଉନ୍ନତି ପାଇଁ ଅନୁଦାନ ଦେଇଥିବାବେଳେ କିଛି ଅଫିସ କାର୍ଯ୍ୟ ଓ ଭୋଗମଣ୍ଡପ ନିର୍ମାଣ କରି ୩ ଏକର ୭ ଡିସିମିଲ କାର୍ଯ୍ୟ କରୁଥିବାବେଳେ ଆଗକୁ ପ୍ରବଳ ବର୍ଷା ଯୋଗୁଁ ତିନି ମନ୍ଦିର ବିପଦମୁଖ ଅବସ୍ଥାରେ ଥିବାରୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ପାଇଁ ଆଲୋଚନା ହୋଇଥିଲା। ଏଥିରେ ସୁରେନ୍ଦ୍ର ନେଗୀ, ନଗେନ କବାଟ, ଜୟକୃଷ୍ଣ ମିଶ୍ର, ରିଙ୍କୁ ସାହୁ, ପ୍ରଶାନ୍ତ ମହାକୁର, ରାମନାରାୟଣ ଦାଶ ଓ ମନ୍ଦିରର ସଦସ୍ୟମାନେ ଉପସ୍ଥିତ ଥିଲେ।



### କର୍କଟ ରୋଗ ସମ୍ପର୍କିତ ସଚେତନତା ଶିବିର

## କାରଣ ଓ ନିରାକରଣ ଉପରେ ସଚେତନ କଲେ ବିଶେଷଜ୍ଞ




**ବଲାଙ୍ଗିର, ୧୫।୬(ସମିସ):** ସାମ୍ପ୍ରତିକ ସମୟରେ କର୍କଟ ରୋଗ ଏକ ଉତ୍କଟ ବ୍ୟାଧିଭାବେ ମଣିଷ ସମାଜକୁ ଭୟଗ୍ରସ୍ତ କରିଥିବା ବେଳେ ଅନେକ ମୂଲ୍ୟବାନ ଜୀବନ ଅକାଳରେ ଝଡ଼ି ପଡୁଛି। ପରିବର୍ତ୍ତିତ ଜୀବନ ଶୈଳୀ, ପରିବେଶ, ପ୍ରଦୂଷିତ ଜଳ, ବାୟୁ ମାଟି, ଖାଦ୍ୟପେୟ ଯୋଗୁଁ ଏପରି ସମସ୍ୟା ଦେଖାଯାଉଛି। ଏହାର କାରଣ ଓ ନିରାକରଣ ପାଇଁ କାର୍ସି ନୋଭା କ୍ୟାନ୍ସର ହସ୍‌ପିଟାଲ, କଟକ ଓ ଓଡ଼ିଶା ୟୁନିୟନ୍ ଅଫ ଜର୍ନାଲିଷ୍ଟ (ଓୟୁଜେ) ବଲାଙ୍ଗିର ଜିଲ୍ଲା ଶାଖାର ମିଳିତ ଉଦ୍ୟମରେ କର୍କଟ ରୋଗ ସଚେତନତା ଶିବିର ବଲାଙ୍ଗିର ଶାଖା ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ, ମୁଖ୍ୟବକ୍ତାଭାବେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଶୀ ଯୋଗଦେଇ ଥିବା ବେଳେ କାର୍ସୀ ନୋଭା କ୍ୟାନ୍ସର ହସ୍‌ପିଟାଲର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ଖିତିଶ କୁମାର ମିଶ୍ର ଯୋଗଦେଇ ପ୍ରୋଜେକ୍ଟର ମାଧ୍ୟମରେ କର୍କଟ ରୋଗ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଓ ୟୁଜେ ବଲାଙ୍ଗିର ଶାଖାର ହରି ନାରାୟଣ ପୂଝାରୀ, ଶରତ ମିଶ୍ର, ସଦାଶିବ ସରାଫ, ବଂଶୀଧର ସେଠ, ପ୍ରଭାବିତ ସିଂ ସାଲୁଜା, ରିତୁରାଜ୍ ସିଂ, ତାପସ ବେହେରା, ଉମାକାନ୍ତ ପ୍ରଧାନ, ଅନ୍ତର୍ଯ୍ୟାମୀ ପଶାୟତ, ଦେବାଶିଷ ବହିଦାର, ସତ୍ୟପ୍ରିୟ ମିଶ୍ର, ଜ୍ୟୋତିରଞ୍ଜନ ପଣ୍ଡା, ସୁରଦାସ ବାଗ, ଆଶିଷ ଖଇତାନ, ରଞ୍ଜିତ ବେହେରା, ଗୁପ୍ତେଶ୍ୱର ପୁଷ୍ଟି, ଘଟେଶ୍ୱର୍ ମିଶ୍ର ସଙ୍ଗଠନ ସଦସ୍ୟ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସାଂସ୍କୃତିକ, ସାମାଜିକ ସଙ୍ଗଠନ ଯୋଗଦେଇଥିଲେ ଥିଲେ। କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଅଭୟ ତ୍ରିପାଠୀ ପରିଚାଳନା କରିଥିବାବେଳେ ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଯନ୍ତ୍ରୀଙ୍କ ବେପରୁଆ ମନ୍ତବ୍ୟ

## ନିର୍ମାଣର ଦିନକ ପରେ ଦବିଗଲା ସେତୁର ସ୍ଲାବ୍

**ବଲାଙ୍ଗିର, ୧୫।୬(ସମିସ):** ଗମନାଗମନକୁ ସହଜ ଓ ସରଳ କରିବା ପାଇଁ କୋଟିକୋଟି ଟଙ୍କା ବ୍ୟୟ ଅଟକଳରେ ସେତୁ ନିର୍ମାଣ କରାଯାଉଛି। ହେଲେ ଦାୟିତ୍ୱରେ ଥିବା ଅଧିକାରୀ ଯନ୍ତ୍ରୀଙ୍କ ଅବହେଳାପାଇଁ କାମ ନିମ୍ନମାନର ହେବା ସହିତ ଲୋକଙ୍କ ଜୀବନ ପ୍ରତି ବିପଦ ବଢୁଛି। ପୂର୍ବରୁ ଏହାର ଅନେକ ନଜିର ରହିଥିବାବେଳେ ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ସାଲେଭଟାରୁ କୁଟାସିଂହାକୁ ସଂଯୋଗ କରୁଥିବା ରାସ୍ତାସ୍ଥିତ ଡୁଙ୍ଗୁରିପାଲି ନିକଟସ୍ଥ କୁଠିକୋରଠାରେ ନିର୍ମାଣାଧୀନ ବିଜୁସେତୁ ଦବିଯାଇଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ଏହି ଘଟଣାରେ ଜେଇଙ୍କ ଆଶ୍ଚର୍ଯ୍ୟଚକିତ କଲା ଭଳି ପ୍ରତିକ୍ରିୟା ହେଉଛି କୁଠିକୋର ଠାରେ କୌଣସି ବ୍ରିଜ୍ ନିର୍ମାଣ କାମ କରାଯାଉ ନାହିଁ।



**ସ୍ଲାବ୍ ଦବି ଲୁହାରଡ୍ ଦେଖାଗଲାଣି**

ପ୍ରକାଶ ଯେ ଗତ ୨୦୨୨ ମସିହା ଜୁଲାଇ ମାସ ୨୬ ତାରିଖ ଦିନ ଠାରୁ ଏହି ବ୍ରିଜ ନିର୍ମାଣ କାମ ଚାଲିଛି। ୬୫.୨୫ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ସେତୁର ନିର୍ମାଣର ବ୍ୟୟ ଅଟକଳ ୩ କୋଟି ୨୦ ଲକ୍ଷ ୩୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ରହିଛି। ନିର୍ମାଣ କାମ ଆରମ୍ଭ ହେବାର ଦୁଇବର୍ଷ ବିତିଯାଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା କାମ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଓଲଟା ନିମ୍ନମାନର କାମ କରାଯାଉଥିବାରୁ ସ୍ଲାବ୍ ଦବିଯାଉଛି ବୋଲି ସ୍ଥାନୀୟ ଅଞ୍ଚଳର ଲୋକେ ଅଭିଯୋଗ କରିଛନ୍ତି। ଗତ ବୁଧବାର ଦିନ ଏହି ସେତୁର ତିନି ନମ୍ବର ସ୍ଲାବ କାମ କରାଯାଇଥିବାବେଳେ ଗୁରୁବାର ଦିନ ହିଁ ସ୍ଲାବ ପ୍ରାୟ ଦେଢଫୁଟ ଦବିଯାଇ ଲୁହାରଡ୍ ସବୁ ଦେଖାଯାଉଛି। ଏହି ରାସ୍ତା ଉପରେ ବଲାଙ୍ଗିର ବରଗଡ଼ ଓ ସୋନପୁର ଜିଲ୍ଲାର ତିନି ଚାରୋଟି ବ୍ଲକର ଲୋକେ ନିର୍ଭର କରନ୍ତି। ଦୀର୍ଘ ଦିନରୁ ଏହି ସେତୁ ନିର୍ମାଣ କରିବାକୁ ଅଞ୍ଚଳବାସୀଙ୍କ ଦାବି ରହିଛି। କିନ୍ତୁ ତାହା ସମ୍ପୂର୍ଣ୍ଣ ହେବା ପରିବର୍ତ୍ତେ ଆହୁରି କ୍ଷତି ହେବାରେ ଲାଗିଛି। ଏଭଳି ସ୍ଥିତି ଲାଗି ରହିଲେ ଆଗାମୀ ଦିନରେ ବ୍ରିଜ ଭୁଶୁଡ଼ି ପଡ଼ି ବଡ଼ ଦୁର୍ଘଟଣା ଘଟିବାର ସମ୍ଭାବନାକୁ ଏଡାଇଦିଆଯାଇ ନ ପାରେ ବୋଲି ଅଞ୍ଚଳବାସୀ ଆଶଙ୍କା କରିଛନ୍ତି। ଏ ସମ୍ପର୍କରେ ପଚାରିବାକୁ ସେତୁ ନିର୍ମାଣ ଦାୟିତ୍ୱରେ ବିଭାଗୀୟ ଯନ୍ତ୍ରୀ ଏସ୍ ସିମାଦ୍ରୀ ଦୋରାଙ୍କୁ ଯୋଗାଯୋଗ କରିବାରୁ ସେ ଯେଉଁ ପ୍ରତିକ୍ରିୟା ରଖିଥିଲେ ତହିଁରୁ ତାହା ସମସ୍ତଙ୍କୁ ଆଚମ୍ବିତ କରିବ। ଡୁଙ୍ଗୁରିପାଲିସ୍ଥିତ କୁଠିକୋର ନିକଟରେ ବିଜୁ ସେତୁ ନିର୍ମାଣ କାମ ଚାଲିଛି କି ବୋଲି ପଚାରିବାରୁ ସେ ନାହିଁ ବୋଲି ଉତ୍ତର ଦେଇ ଫୋନ କାଟିଦେଇଥିଲେ। ତେବେ ସେତୁ ନିର୍ମାଣରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅହେତୁକ ଅବହେଳା ଲୋକଙ୍କ ମନରେ ଅସନ୍ତାଷ ବୃଦ୍ଧି କରୁଛି।

## ରଜରେ ଜମୁଛି ଜମାଖୁଣ୍ଟା

**ସଇଁତଲା, ୧୫।୬(ସମିସ):** ରଜ ପାଇଁ ଚଳଚଞ୍ଚଳ ଜାମଖୁଣ୍ଟା। ପ୍ରକୃତିର ରଙ୍ଗରେ ରଙ୍ଗେଇ ହୋଇଛି ପୁରପଲ୍ଲୀ। କୃଷିଭିତ୍ତିକ ପର୍ବପାଇଁ ସବୁଠି ରଜ ମାହୋଲ। ପିଠାପଣା ସାଙ୍ଗକୁ ଧୂମା ବାସ୍ନାରେ ମହକୁଛି ଗାଁଠୁ ସହର। ଦୋଳି ଖେଳଠାରୁ ନାଚ ଗୀତ ଧୂମଧାମରେ ହେଉଛି। ଘରେଘରେ ବନ୍ଧୁବାନ୍ଧବ ଅନେକ ମଜା ମସ୍ତି କରୁଛନ୍ତି। ଝିଅମାନେ ପୁଚି, କବାଡି ତଥା ନାନାଦି ରକମର ଖେଳ ସହ କମ୍ପୁଛି ଜାମଖୁଣ୍ଟା। ଅନେକ ରଙ୍ଗବେରଙ୍ଗର ଡ୍ରେସ ପିନ୍ଧି ପ୍ରତିଯୋଗିତାମୂଳକ ଖେଳରେ ମାତିଛନ୍ତି। ଖିଲିପାନ ଖାଇ ରଜ ଦୋଳିରେ ରଜଗୀତ ଗାଇ ଝୁମୁଛନ୍ତି କୁଆଁରୀ ଝିଅମାନେ।



### ଦୋଛକିରେ ଭାଗ୍ୟଲତା

# ନିଚ ଜାତିର ହୋଇଥିବାରୁ ଗ୍ରହଣ କରୁନାହାନ୍ତି ପରିବାର

ବଲାଙ୍ଗିର, ୧୫।୬(ସମିସ)

ଦୀର୍ଘ ସମୟ ଧରି ଡାକ୍ତରଖାନାରେ ମୃତଦେହ ପଡ଼ିରହିଲା। ପରିବାର ଲୋକଙ୍କୁ ଖବର ଦିଆଗଲା

**ସ୍ୱାମୀଙ୍କ ମୃତ୍ୟୁପରେ ଦୁଇ ଛୁଆଙ୍କୁ ଧରି ଯିବେ କୁଆଡ଼େ?**

**ଶବ ସତ୍କାର କଲା ସ୍ୱେଚ୍ଛାସେବୀ ସଂଗଠନ**

କିନ୍ତୁ କେହି ଆସିଲେ ନାହିଁ। ସ୍ୱେଚ୍ଛାସେବୀ ସଂଗଠନର ଯୁବକମାନେ ଶବ ସତ୍କାର କଲେ। ସ୍ୱାମୀଙ୍କୁ ହରାଇ ଦୁଃଖରେ ଭାଙ୍ଗିପଡ଼ିଥିବା ଭାଗ୍ୟଲତା ଏବେ ଦୁଇ ଛୁଆକୁ ଧରି କୁଆଡେ ଯିବେ ବୋଲି ଭାଳି ହେଉଛନ୍ତି। କାରଣ ଛୋଟ ଜାତିର ହୋଇଥିବାରୁ ଶଶୁର ଘର ଲୋକେ ତାଙ୍କୁ ଗ୍ରହଣ କରିବାକୁ ନାରାଜ।

ପ୍ରକାଶ ଯେ ସଇଁତଳା ଥାନା ବରାହମାଲ ଗ୍ରାମର



ଉପେନ୍ଦ୍ର ବଗର୍ତ୍ତୀଙ୍କୁ ଗତ ତିନିତିନ ତଳେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଜ୍ୱର ଓ ଝାଡା ହୋଇ ସେ ଅସୁସ୍ଥ ହୋଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳେ ତାଙ୍କର ମୃତ୍ୟୁ ହେଲା। ସ୍ୱାମୀଙ୍କ ମୃତ୍ୟୁପରେ ତାଙ୍କର ସ୍ତ୍ରୀ ଭାଗ୍ୟଲତା ନାଏକ ପରିବାର ଲୋକଙ୍କୁ ଖବର ଦେଲେ। କିନ୍ତୁ ସେମାନେ ଆସିଲେ ନାହିଁ। ଶେଷରେ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ମୃତଦେହକୁ ଉଦ୍ଧାର କରି ସତ୍କାର କଲେ। ମୃତ ଉପେନ୍ଦ୍ର ବଗର୍ତ୍ତୀଙ୍କ ମା' ସୁରୁବାଲି ବଗର୍ତ୍ତୀଙ୍କ କହିବା ଅନୁସାରେ ପ୍ରାୟ ୧୨ ବର୍ଷ ତଳେ ଉପେନ୍ଦ୍ର ପ୍ରେମକରି ଭାଗ୍ୟଲତା ନାଏକଙ୍କୁ ବିବାହ କରିଥିଲେ। ଏହା ପୂର୍ବରୁ ତାଙ୍କର ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଭାଗ୍ୟଲତା ଅଲଗା ଜାତିର ହୋଇଥିବାରୁ ସମାଜ ତାଙ୍କୁ ଗ୍ରହଣ କଲା ନାହିଁ। ଫଳରେ ସେମାନେ ଅଲଗା ରହୁଥିଲେ। ତେବେ ସେମାନେ ଯଦି ଭାଗ୍ୟଲତାଙ୍କୁ ଘରକୁ ନେବେ ତାହେଲେ ଗାଁରୁ ତାଙ୍କୁ ବାସନ୍ଦ କରିଦିଆଯିବ। ଉପେନ୍ଦ୍ରଙ୍କ ପାଇଁ ପୁରା ପରିବାର ଶୁଦ୍ଧି ହେବେ। ତାପରେ ଯାଇ ସମାଜରେ ମିଶିପାରିବେ ବୋଲି ସୂଚନା ମିଳିଛି। ଏହି ଛୁଆଁ ଅଛୁଆଁର ନିୟମ ଭିତରେ ଭାଗ୍ୟବତୀଙ୍କ ଦୁଇଟି କୋମଳମତି ଶିଶୁଙ୍କ ଭାଗ୍ୟ କ'ଣ ହେବ ତାହା ଚିନ୍ତାର ବିଷୟ। ଏକବିଂଶ ଶତାବ୍ଦୀର ଆଧୁନିକ ଯୁଗରେ ଛିଆଁ ଅଛୁଆଁ ଭଳି କୁପ୍ରଥା ଏବେବି ବଳବତ୍ତର ରହିଛି। ଏହି ଘଟଣା ତାର ବଳିଷ୍ଠ ପ୍ରମାଣ ଦେଉଛି।

● କୋମନା ଦେଉଳବନ୍ଧରୁ ପ୍ରାଚୀନ କୀର୍ତ୍ତି ଉଦ୍ଧାର ଘଟଣା

# ତଥ୍ୟ ସଂଗ୍ରହ କଲେ ପ୍ରତ୍ନତତ୍ତ୍ୱବିତ୍, ଗବେଷକ

**ନୂଆପଡ଼ା/କୋମନା, ୧୫।୬(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସଦର ମହାକୁମାସ୍ଥିତ ଐତିହାସିକ ଦେଉଳବନ୍ଧକୁ ଏବେ ପ୍ରତ୍ନତତ୍ତ୍ୱବିତ୍, ଗବେଷକଙ୍କ ଗସ୍ତ ଲାଗିଛି। ଏଠାରେ ପଙ୍କ ଖନନବେଳେ ପୁରାତନ କୀର୍ତ୍ତିରାଜି ଦୃଶ୍ୟମାନ ହୋଇଥିବାରୁ ଲୋକଙ୍କ ଗହଳି ଲାଗି ରହିଛି। ଏ ନେଇ ନେଇ ଖବର ପ୍ରଚାରିତ ହେବା ପରେ ଐତିହାସିକ ତଥା ପ୍ରତ୍ନତତ୍ତ୍ୱବିତ୍, ଗବେଷକମାନଙ୍କ ଗସ୍ତ ଆରମ୍ଭ ହୋଇଛି।



ଗତ କିଛି ଦିନ ତଳେ ଗଡ଼ ନିକଟରେ ଥିବା ପୋଖରୀରୁ ପଙ୍କ ଉଦ୍ଧାର ବେଳେ ବେଳେ ପ୍ରାଚୀନ ଐତିହ୍ୟ, କଳା କୀର୍ତ୍ତି ଉଦ୍ଧାର ହୋଇଛି। ପୋଖରୀରୁ ଉଦ୍ଧାର ହୋଇଥିବା ସ୍ତମ୍ଭ, ତ୍ରିଶୁଳ ଏବଂ ମାଟି ହାଣ୍ଡି, ଶିବ ଲିଙ୍ଗ ଆଦି ଉଦ୍ଧାର ହୋଇଛି। ଏହା ପ୍ରାକ୍ ଚୌହାନ ବଂଶୀୟ ଅର୍ଥାତ କଳା ଶାସନ ସମୟର ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି। ଶନିବାର ପୂର୍ବାହ୍ନରେ ଖଡ଼ିଆଳ ରାଜା ତଥା ପ୍ରତ୍ନତାତ୍ତ୍ୱିକ ଜିତାମିତ୍ର ସିଂ ଦେଓ ଏବଂ ଐତିହାସିକ ଫଣିନ୍ଦମ ସିଂ ଦେଓ କୋମନାରେ ଆସି ପହଞ୍ଚିଥିଲେ। ସେଠାରେ କୋମନାବାସୀଙ୍କୁ ନେଇ ପୋଖରୀ ଅଞ୍ଚଳ ବୁଲି ଦେଖିଥିଲେ। ଏହି ସମୟରେ ପୋଖରୀ ଭିତରେ ଥିବା ଇଟା ଖଣ୍ଡ, ତ୍ରିଶୁଳ, ମାଟି ହାଣ୍ଡି ଆଦି ଦେଖିଥିଲେ। ଏସବୁକୁ ବିଶେଷ ଅନୁଧାନ ପରେ କହିଥିଲେ ଯେ କୋମନା ଅଞ୍ଚଳରେ ୧୫୯୦ରୁ ୧୮୨୦ ପର୍ଯ୍ୟନ୍ତ ଚୌହାନ ବଂଶର ୯ଟି ପିଢ଼ିଙ୍କ ଶାସନ ଥିବା ଆକଳନ କରାଯାଇଛି। ସେଠାରୁ ବାହାରିଥିବା ଇଟା କୃତି ମଧ୍ୟ ଗୁପ୍ତ ସାମ୍ରାଜ୍ୟ ପରଠାରୁ ଏଠାରେ ଅନେକ ଗଡ଼ର ଐତିହାସିକ କୀମ୍ବଦନ୍ତି ରହିଛି। ଏହି ପୋଖରୀଟି କୋମନା ଗଡ଼କୁ ଲାଗି ରହିଥିବା ବେଳେ କ୍ରମାଗତ ଜନ ବସତି ଥିବା ପ୍ରକାଶ କରିଛନ୍ତି। ପୋଖରୀ କେନ୍ଦ୍ର ସ୍ଥଳରେ ତିନି ପ୍ରସ୍ତ କାର୍ଯ୍ୟ ହୋଇଛି। ତ୍ରିଶୂଳ ସ୍ତମ୍ଭ ବୋଲି ସ୍ପଷ୍ଟ କରିଛନ୍ତି। ଏଠାରେ ନିଶ୍ଚିତ ଭାବେ ଏକ ବଡ଼ ସଭ୍ୟତା ରହିଥିଲା। ଏହା ଉପରେ ଆହୁରି ଗବେଷଣାର ଆବଶ୍ୟକତା ରହିଥିବା କହିଛନ୍ତି। ଅନ୍ୟପକ୍ଷେ ସରକାର ମଧ୍ୟ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ରାସ୍ତାରେ ଜମୁଥିଲା କାଦୁଅ; ପଡ଼ିଲା ମୋରମ

**କୋକସରା, ୧୫।୬(ସମିସ)**

କୋକସରା ବ୍ଲକ କନ୍ଦାବୁଟୁରା ଗ୍ରାମ ପଞ୍ଚାୟତ ତୁନଗାଁର ନୂଆପଡ଼ା ରାସ୍ତାରେ ପାଣି କାଦୁଅ ଜମି ପୋଖରୀ ଭ୍ରମ ସୃଷ୍ଟି କରୁଥିଲା। ଫଳରେ ଯାତାୟାତ ବେଳେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଦୁର୍ଦ୍ଦଶା ଭୋଗୁଥିଲେ। ଏ ସମ୍ପର୍କରେ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପଞ୍ଚାୟତ ପକ୍ଷରୁ ତତ୍ପରତା ଦେଖାଇ ପାଣି କାଦୁଅ ଜମୁଥିବା ଉକ୍ତ ରାସ୍ତାରେ ମାଟି ଓ ମୋରମ ପକାଇ ମରାମତି କରାଯାଇଛି। ସୂଚନାଯୋଗ୍ୟ, ଉକ୍ତ ରାସ୍ତାଟି କନ୍ଦାବୁଟୁରା, ଘୁଲ୍ଲୁଗୁଡା ଦେଇ ଜୟପାଟଣା ବ୍ଲକର ଅନେକ ଗାଁକୁ ସଂଯୋଗ କରୁଛି। ଏହି ରାସ୍ତାରେ ପ୍ରତ୍ୟହ ଛାତ୍ରଛାତ୍ରୀମାନେ ସ୍କୁଲ ଯାଇଥାନ୍ତି। ଉକ୍ତ ରାସ୍ତା ଦେଇ ତୁନଗାଁ ଧାନ ମଣ୍ଡିକୁ ମଧ୍ୟ ଯିବାକୁ ପଡ଼ିଥାଏ। ବର୍ଷା ଦିନେ ରାସ୍ତା ମଝିରେ ପାଣି ଜମି ଅତ୍ୟନ୍ତ ଶୋଚନୀୟ ହୋଇପଡୁଥିଲା। ଫଳରେ ପଥଚାରୀ ବିଶେଷ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବର୍ତ୍ତମାନ ଉକ୍ତ ରାସ୍ତା ମରାମତି କରାଯାଇଥିବାରୁ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଧନ୍ୟବାଦ ଜଣାଇଛନ୍ତି।

'ସକାଳ' ପ୍ରଭାବ



## ହାଟକୁ ଯାଇ ଶିକ୍ଷକ ନିଖୋଜ

**ନର୍ଲା, ୧୫।୬(ସମିସ):** ସାପ୍ତାହିକ ହାଟକୁ ଯାଇ ଜଣେ ଶିକ୍ଷକ ଘରକୁ ନ ଫେରିବାରୁ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଏପରି ଘଟଣା ଘଟିଛି ନର୍ଲା ବ୍ଲକ ଅନ୍ତର୍ଗତ ମାଲପଡ଼ା ଗ୍ରାମରେ। ନର୍ଲା ବ୍ଲକ କାରୁମପଦର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ସୁନୀଲ ପାଢ଼ୀ (୪୭) ଗତ ମଙ୍ଗଳବାର ରୂପ୍ରା ସାପ୍ତାହିକ ହାଟକୁ ନିଜ ବାଇକ ଓଡି୦୮ଜି-୫୮୯୩ ଯୋଗେ ଯାଇଥିଲେ। ହାଟରୁ ଫେରିବାରେ ବିଳମ୍ବ ଯୋଗୁଁ ଘରଲୋକ ଖୋଜାଖୋଜି କରିଥିଲେ। ଶେଷରେ ମୋବାଇଲ ସ୍ୱିଚଅଫ୍ ଥିବା ହେତୁ ତାଙ୍କର ବଡ଼ଭାଇ ବଂଶୀଧର ପାଢ଼ୀ ବୁଧବାର କେସିଙ୍ଗା ଥାନା ପଲମ ଫାଣ୍ଡିରେ ସୁନୀଲଙ୍କ ନିଖୋଜ ନେଇ ଏତଲା ଦେଇଛନ୍ତି। ପଲମ ଫାଣ୍ଡି ଅଧିକାରୀ ଜ୍ଞାନ ରଞ୍ଜନ ମାଝୀ ଏହାର ତଦନ୍ତ କରୁଛନ୍ତି।



## ସାପ କାମୁଡ଼ାରେ ଯୁବକ ମୃତ

**ଥୁଆମୂଳ ରାମପୁର, ୧୫।୬(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅଡ୍ରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗରୀ ଗ୍ରାମରେ ବିଷାକ୍ତ ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଯୁବକ ଜଣକ ହେଉଛନ୍ତି ବାଲସିଂ ମାଝୀଙ୍କ ବିବାହିତ ପୁଅ ନେପାଳ ମାଝୀ (୨୨)।ସୂଚନା ମୁତାବକ ଶୁକ୍ରବାର ନିଜ ପରିବାର ସହିତ ନେପାଳ ଶୋଇଥିବା ବେଳେ ବିଳମ୍ବିତ ରାତିରେ ତାଙ୍କୁ ଏକ ସାପ କାମୁଡ଼ିଥିଲା। ପରିବାର ଲୋକେ ଜାଣିପାରି ପ୍ରଥମେ ଦେଶୀ ଔଷଧ ଓ ଝଡାଫୁଙ୍କା ଉପରେ ଗୁରୁତ୍ୱ ଦେଇଥିଲେ। ହେଲେ ସକାଳ ହେଲା ବେଳକୁ ନେପାଳର ସ୍ୱାସ୍ଥ୍ୟବସ୍ଥା ଅତି ଗୁରୁତର ଥିବା ଜାଣି ତାଙ୍କୁ ଥୁଆମୂଳ ରାମପୁର ଡାକ୍ତରଖାନାକୁ ନେବା ପାଇଁ ଆମ୍ବୁଲାନ୍ସ ସହିତ ଯୋଗାଯୋଗ କରିଥିଲେ। ହେଲେ ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିଲ। ଶନିବାର ଥୁଆମୂଳ ରାମପୁର ପୁଲିସ ସୂଚନା ପାଇ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ସନ୍ଧ୍ୟା ହୋଇଯିବାରୁ ରବିବାର ଶବ ବ୍ୟବଚ୍ଛେଦ କରାଯିବ।

## ଖୁଚୁରା ସାମଗ୍ରୀର ଦରବୃଦ୍ଧି; ଖାଉଟି ହନ୍ତସନ୍ତ



**କେସିଙ୍ଗା, ୧୫।୬(ସମିସ):** ଦିନକୁ ଦିନ ଦରଦାମ ହୁହୁ ହୋଇ ବଢୁଥିବାରୁ ଖାଉଟିମାନେ ହାହୁତାଶ ହୋଇଛନ୍ତି। ରୋଷେଇ ପାଇଁ ଅତି ଜରୁରୀ ଆଳୁ, ପିଆଜ ଦାମ ନିର୍ବାଚନ ପରେ ୩୦ ପ୍ରତିଶତ ବଢ଼ି ଯାଇଛି। କଳାହାଣ୍ଡି ଜିଲ୍ଲା କେସିଙ୍ଗାଠାରେ ଯେଉଁ ଆଳୁ ଖୁଚୁରାରେ ନିର୍ବାଚନ ପୂର୍ବରୁ ୨୦ ରୁ ୨୫ ଟଙ୍କାରେ ବିକ୍ରି ହେଉଥିଲା ତାହା ନିର୍ବାଚନ ପରେ ୩୫ରୁ ୪୦ ଟଙ୍କାରେ ବିକ୍ରି ହେଉଛି। ସେମିତି ପିଆଜ ମୂଲ୍ୟ ଆଗରୁ ୩୦ ଟଙ୍କା ଥିବା ବେଳେ ବର୍ତ୍ତମାନ ୪୦ ଟଙ୍କାରେ ବିକ୍ରି ହେଉଛି। ଟମାଟୋ, ପୋଟଳ, ଫୁଲ କୋବି, ବାଇଗଣ ସମେତ ସମସ୍ତ ପନିପରିବା ଦର ୫୦ ଟଙ୍କା ଉପରେ ରହିଛି। ଡାଲି, ତେଲ ସମେତ ସମସ୍ତ ଖାଉଟି ସାମଗ୍ରୀ ଦରଦାମ ବୃଦ୍ଧି ଖାଉଟିଙ୍କୁ ସମସ୍ୟାରେ ପକାଉଛି। ବିଶେଷ କରି କେସିଙ୍ଗା ସହରକୁ ଆଳୁ, ପିଆଜ ସହିତ ସମସ୍ତ ପନିପରିବା ସିଧାସଳଖ ବାହାର ରାଜ୍ୟରୁ ଆସୁଥିବା ବେଳେ ଦରବୃଦ୍ଧିର କାରଣ କାହାପାଖରେ ନାହିଁ। ଆଗକୁ ରଥଯାତ୍ରା ତଥା ଅନ୍ୟାନ୍ୟ ପାର୍ବଣ ଋତୁ ଆସୁଥିବା ବେଳେ ଦର ବୃଦ୍ଧି ଖାଉଟିଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି।

# ଟଙ୍କା ଫେରି ପାଇବା ଆଶାରେ ଚିଟ୍‌ଫଣ୍ଡ ଜମାକାରୀ

**ନୂଆପଡ଼ା, ୧୫।୬(ସମିସ):** ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ତିଖାଲିଠାରେ ନିର୍ମାଣ ହୋଇଥିବା ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପରେ ବୁଡି ହୋଇଥିବା କୋମନା ବ୍ଲକର ଶତାଧିକ ବିସ୍ଥାପିତ ପରିବାରକୁ ରାଜ୍ୟ ସରକାର ଥଇଥାନ କରିଥିଲେ। ଏହି ସମୟରେ ପରିବାର ଲୋକେ କୋଟି କୋଟି ଟଙ୍କା ସହାୟତା ରାଶି ପାଇଥିଲେ; ହେଲେ ଏହାର ସୁଯୋଗ ନେଇ ଚିଟଫଣ୍ଡ ସଂସ୍ଥା ସବୁ ଡେରା ପକାଇ ଲୋକଙ୍କୁ ଦୁଇଗୁଣା ପଇସା ଦେବା ନେଇ ପ୍ରଲୋଭିତ କରି ଟଙ୍କା ନେଇଯିବାରେ ସଫଳ ହୋଇଥିଲେ। ନିର୍ବାଚନ ସମୟରେ ବିଜେପି ସରକାର ତରଫରୁ ଏହି ଟଙ୍କା ଫେରାଇ ଦିଆଯିବା ପାଇଁ ନିର୍ବାଚନୀ ଇସ୍ତାହାରରେ ରଖାଯାଇଥିଲା। ଏବେ ସରକାର ଆସିବା ପରେ ଲୋକେ ଆଶା ବାନ୍ଧି ଜଗି ବସିଛନ୍ତି।

● ନୂଆ ସରକାର ଉପରେ ବିସ୍ଥାପିତଙ୍କ ନଜର
● କୋଟି କୋଟି ଟଙ୍କା ଠକେଇ ହୋଇଛି

ଏହାକୁ କେବେ ସରକାର ପୂରଣ କରିବେ ବୋଲି ଲୋକେ ଅନେଇ ବସିଛନ୍ତି। ନୂଆପଡ଼ା ଜିଲ୍ଲା କୋମନା ଥାନା ସନବାହାଲି ଗାଁର ଚିଟଫଣ୍ଡ ଜମାକାରୀ ଆଶା ଆଶଙ୍କାରେ ରହିଥିବା ପ୍ରକାଶ କରିଛନ୍ତି। ବିସ୍ଥାପନ ପ୍ରକ୍ରିୟାବେଳେ ସନବାହାଲି ଓ ଝାଲକୁଶମ ଗାଁକୁ ଭିଷ୍ଟା, ସି-ସୋର, ରେଡ୍‌ରୋଜ୍ ଭଳି ଚିଟଫଣ୍ଡ ସଂସ୍ଥା ଆସି ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କୁ ପ୍ରଲୋଭିତ କରିଥିଲା। ସନବାହାଲି ଗାଁର ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଜମାଟଙ୍କାର ଦୁଇଗଣା ପାଇବା ଆଶାରେ ସହାୟତା ରାଶିକୁ ବିଭିନ୍ନ ଚିଟ୍‌ଫଣ୍ଡ ସଂସ୍ଥାରେ ବିନିଯୋଗ କରିଥିଲେ। ପରେ ସେମାନେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। କେହି ଘର କି ଜମି ଖଣ୍ଡିଏ କିଣି ପାରି ନ ଥିଲେ। ଏହାକୁ ନେଇ ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ନିକଟରେ ବିଭିନ୍ନ ଫୋରମରେ ଉପସ୍ଥାପନା କରିଥିଲେ ବି କୌଣସି ସୁଫଳ ମିଳି ନ ଥିଲା। ଏମିତି ୨୦ ବର୍ଷ ବିତି ଯାଇଥିଲେ ବି ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଜମା ଟଙ୍କା ଫେରି ପାଇ ନ ଥିଲେ। ଏବେ ଚିଟଫଣ୍ଡ ଜମାକାରୀଙ୍କ ମନରେ ନିଜ ଜମାଟଙ୍କା ଫେରି ପାଇବାକୁ ନୂଆଁ ଆଶା ଉଦଜିବୀତ ହୋଇଛି। ୨୦ ବର୍ଷ ବିତି ଯାଇଥିଲେ ସନବାହାଲି, ଝାଲକୁଶମ, କାଲିମାଟି, ବୋଡାଛାପର, ଡୁମେରବାହାଲ, ହରିପୁର ଭଳି ଗାଁର ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଜମାକାରୀ ମୂଳ କି ସୁଧ କିଛି ବି ପାଇନାହାନ୍ତି। ଅନ୍ୟପକ୍ଷେ ସରକାର ବିସ୍ଥାପିତଙ୍କୁ ଥଇଥାନ କରିବା ସହ ସେମାନଙ୍କ ଉପରେ ଯେପରି କୌଣସି ବ୍ୟକ୍ତି ବା ସଂସ୍ଥା ଲୋଲୁପ ଦୃଷ୍ଟି ରଖି ଲୁଟ୍‌ତରାଜ ନ କରନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ତଥା ସ୍ୱତନ୍ତ୍ର ବିଭାଗ ନିୟୋଜନ କରିଛନ୍ତି; ହେଲେ ସେହି ବିଭାଗ ନିଦା ବିଷ୍ଟୁ ହୋଇ ବସି ରହିଛି। ଏବେ ବି ଚିଟଫଣ୍ଡ ଜମାକାରୀ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଥଇଥାନ ଓ ସହାୟତା ରାଶି ହରାଇ ଦୁଃଖରେ ଜୀବନ ଅତିବାହିତ କରୁଛନ୍ତି। ଏଣୁ ତୁରନ୍ତ ସରକାର ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ସହ ଜମାକାରୀଙ୍କ ଜମାଟଙ୍କା ତୁରନ୍ତ ଫେରସ୍ତ କରିବାକୁ ସନବାହାଲି ଗାଁର ନାରାୟଣ ଅହୀର, ଜଳଧର ପଟେଲ, ଚରଣ ମାଝି, ନିଳାଦ୍ରୀ ମାଝି, ଶାନ୍ତା ଅହୀର ପ୍ରମୁଖ ନୂତନ ମୁଖ୍ୟମନ୍ତ୍ରୀ ତଥା ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହାକୁ ନେଇ ଜମାକାରୀ ଗଣମାଧ୍ୟମ ଜରିଆରେ ସେମାନଙ୍କର ଆଶା ଏବଂ ଆକାଂକ୍ଷା ଉପରେ ସରକାର ଦୃଷ୍ଟି ଦିଅନ୍ତୁ ବୋଲି ଅନୁରୋଧ କରିଛନ୍ତି। ରାଜ୍ୟ ସରକାର କେତେଦୂର ନିଜର ପ୍ରତିଶ୍ରୁତି ପୂରଣ କରୁଛି ଓ ଚିଟଫଣ୍ଡ ଜମାକାରୀ ନିଜ ଜମାଟଙ୍କା ପାଉଛନ୍ତି ତାକୁ ବିସ୍ଥାପିତ ପରିବାର ଲୋକ ଅନେଇ ବସିଛନ୍ତି।



## ରେଳଧାରଣାରୁ ଅଚେତ ଅବସ୍ଥାରେ ବୃଦ୍ଧ ଉଦ୍ଧାର

**ନୂଆପଡ଼ା, ୧୫।୬(ସମିସ):** ନୂଆପଡ଼ା ଜିଲ୍ଲା ଖରିଆରରୋଡ ସହର ରେଳ ଧାରଣା ନିକଟରୁ ଜଣେ ଅଜଣା ବୃଦ୍ଧଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକେ ବୃଦ୍ଧଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଖଡ଼ିଆଳରୋଡ୍‌ରୁ ଆମସେନା ରାସ୍ତା ପାର୍ଶ୍ୱ ରେଳ ଧାରଣା ନିକଟରେ ଜଣେ ଅଜଣା ବୃଦ୍ଧ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ଖବର ପ୍ରଚାରିତ ହୋଇଥିଲ।। ଖଡ଼ିଆଳରୋଡ୍ ରେଳବାଇ ପୁଲିସ ସହାୟତାରେ ସାମ୍ବାଦିକ ସଂଘ (ଜାନ୍) ସଦସ୍ୟ ରାକେଶ ଶର୍ମା, କିଶୋର କାଲିଆ, ସନ୍ତୋଷ ଡାଗା ପ୍ରମୁଖ ବୃଦ୍ଧଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଖଡ଼ିଆଳରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବୃଦ୍ଧଙ୍କୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବୃଦ୍ଧଙ୍କ ପକେଟରୁ ରେଳବାଇ ପୁଲିସ ୧୫ ଶହ ଟଙ୍କା ପାଇଛି। ବୃଦ୍ଧଙ୍କୁ ଚିହ୍ନଟ ପାଇଁ ସେଭଳି କୌଣସି କାଗଜପତ୍ର ମିଳିନି। ବୃଦ୍ଧ ଜଣକ କିଛି କହି ପାରୁ ନ ଥିବାରୁ ତାଙ୍କ ପରିଚୟ ଜଣା ପଡ଼ିନାହିଁ।



ବର୍ଷାମାଡ଼ ଭୟ, ଚିନ୍ତିତ ଥିଲେ ଚାଷୀ

# ମଣ୍ଡିରୁ ଉଠିଲା ଧାନ

**ଭବାନୀପାଟଣା, ୧୫।୬(ସମିସ):** କଳାହାଣ୍ଡି ଜିଲ୍ଲାରେ ରବି ଧାନ ସଂଗ୍ରହ ନିମନ୍ତେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଗତ ମେ' ମାସରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଜିଲ୍ଲାରେ ମେ ମାସ ୨୦ରୁ ବିଭିନ୍ନ ବ୍ଲକର ୧୫୫ଟି ମଣ୍ଡିରୁ ଧାନ କ୍ରୟନିମନ୍ତେ ପ୍ରଶାସନିକ ପଦକ୍ଷେପ ନିଆଯାଇଥିଲା। ୧୫ ଜୁନ ସୁଦ୍ଧା ଧାନ ସଂଗ୍ରହ ଶେଷ ପାଇଁ ଜିଲ୍ଲା ଯୋଗାଣ ବିଭାଗ ସମୟ ଧାର୍ଯ୍ୟ କରିଥିଲେ। ତଦନୁଯାୟୀ ପ୍ରାୟତଃ ଧାନ ମଣ୍ଡି ଗୁଡିକରୁ ସଂଗ୍ରହ କାର୍ଯ୍ୟ ସରିଛି। ଆଉ ମାତ୍ର ୧୦/୧୫ ହଜାର କ୍ୱିଣ୍ଟାଲ ଧାନ ଉଠିବାକୁ ବାକିଥିବା କୁହାଯାଇଛି। ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଚାଷୀକୁଳ ଓ ଯୋଗାଣ ବିଭାଗ ପ୍ରମାଦ ଗଣୁଥିଲେ। ବର୍ଷା ହେଲେ ଧାନ ନଷ୍ଟ ହେବା ସହିତ ଧାନର ପ୍ରକୃତ ପ୍ରାପ୍ୟ ଚାଷୀଙ୍କୁ ମିଳିବା ମୁସ୍କିଲ ହୋଇପଡ଼ିବ। ଏମିତି ବି ସବୁ ସମୟରେ ୫ ରୁ ୭ କେଜି କଟନୀ ଛଟନୀ ଚାଷୀଙ୍କୁ ନୟାନ୍ତ କରିଆସୁଛି। ଏଥର ମଧ୍ୟ ଚାଷୀ ପୂର୍ବଭଳି ଶିକାର ହୋଇଛନ୍ତି। ବଡ ବର୍ଷା ଜନିତ ସମସ୍ୟା ଚାଷୀଙ୍କୁ ଶନିଦଶା ସ୍ୱରୂପ ଦାଉ ସାଧିବା ଏକପ୍ରକାର ନିଶ୍ଚିତ ହୋଇସାରିଥିଲା। ବର୍ଷା ମାଡ଼ ବିଳମ୍ବ ଘଟିବାରୁ ଚାଷୀ ତ୍ରାହି ପାଇଗଲେ ବୋଲି କୁହାଯାଉଛି। ସିଏସଓଙ୍କ ସୂଚନା ଅନୁସାରେ ଗତ ଖରିଫ ୨୦୨୩-୨୪ ରେ ଏପ୍ରିଲ ୧୧ ତାରିଖ ସୁଦ୍ଧା ଧାନ ସଂଗ୍ରହ ଲକ୍ଷ୍ୟ ୫୪୦୮୮୩.୪୦ ମେଟ୍ରିକ୍ ଟନ୍ ଥିବାବେଳେ ୫୧୦୩୮୪.୧୪ ମେଟ୍ରିକ୍ ଟନ୍ ସଂଗ୍ରହ ହୋଇଥିଲା। ବର୍ତ୍ତମାନ ୫୯୩୬୧ ହେକ୍ଟର ଜମିରେ ରବି ଧାନ କରାଯାଇଛି ଏବଂ ଧାନ ସଂଗ୍ରହ ୩୦ଲକ୍ଷ ମେଟ୍ରିକ ଟନ୍‌ରୁ ଉର୍ଦ୍ଧ ହେବ ବୋଲି ଆକଳନ କରାଯାଇଥିଲେ ମଧ୍ୟ ଚଳିତ ରବି ଋତୁରେ ୨୮ ଲକ୍ଷ ୯ହଜାର ୩୫୦ କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଚୂଡାନ୍ତ ହୋଇଥିଲା। କେବଳ ୨/୩ଟି ମଣ୍ଡିରେ ଅଳ୍ପ ପରିମାଣର ଧାନ ଉଠିବା ପରେ ରବି ଧାନ ସଂଗ୍ରହ ଶେଷ ହୋଇଯିବ ବୋଲି ବିଭାଗ ସୂତ୍ରରୁ ଜଣାପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ନିର୍ବାଚନ କାରଣରୁ ଏଫସିଆଇ ମିଲରସଙ୍କଠାରୁ ଚାଉଳ ଗ୍ରହଣ କରି ନ ଥିଲେ କି ଚାଉଳ ବାହାରକୁ ପଠାଇ ନାହାନ୍ତି। ତେଣୁ ଗୋଦାମ ଗୁଡିକରେ ଚାଉଳ ମହଜୁଦ ରହିଛି। ସ୍ଥାନାଭାବରୁ ଏଫସିଆଇ ଚାଉଳ ଗ୍ରହଣ କରୁ ନ ଥିବା ଜାଣି କେତେକ ମିଲ ବନ୍ଦ ହୋଇଥିବା ଖବର ହସ୍ତଗତ ହୋଇଛି। ବର୍ତ୍ତମାନର ସୂଚନା କ୍ରମେ ଏଫସିଆଇ ଧୀରେ ଧୀରେ ଗୋଦାମରୁ ଚାଉଳ ଅନ୍ୟତ୍ର ପଠାଇ ସ୍ଥାନାଭାବଜନିତ ସମସ୍ୟାକୁ ଦୂର କରିବାକୁ ଉଦ୍ୟମ ଆରମ୍ଭ କରିଛି। ସାଧାରଣ ଧାନ ଏଫଏକ୍ୟୁ ମାନର ଏମଏସପି କ୍ୱିଣ୍ଟାଲ ପ୍ରତି ୨୧୮୩ ଟଙ୍କା ରହିଛି। ଏଯାବତ ୩୨୫୩୧ ଜଣ ଚାଷୀଙ୍କ ଖାତାରେ ୪୪୫ କୋଟି ୯୭ ଲକ୍ଷ ୩୨ହଜାର ଟଙ୍କା ପଡ଼ିସାରିଛି। ରବି ଋତୁରେ ୬୭ଟି ମିଲର ରବିଧାନ ସଂଗ୍ରହରେ ଭାଗ ନେଇଥିଲେ। ପଞ୍ଜିକୃତ ୪୦୭୫୪ ଜଣ ଚାଷୀ ମଣ୍ଡିକୁ ଯାଇ ଧାନ ବିକ୍ରୟ କରିବାରେ ଅଂଶଗ୍ରହଣ କରିଥିଲେ।



# ସବୁ ସରକାରୀ ସୁବିଧାରୁ ବଞ୍ଚିତ ମମତା

**ସିନାପାଲି/ଖଡିଆଳ, ୧୫।୬(ସମିସ)**

ନା ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ଘର ଖଣ୍ଡେ ଅଛି, ନା ପିନ୍ଧିବା ପାଇଁ ଭଲ ବସ୍ତ୍ର ଖଣ୍ଡେ ଅଛି। ଖାଇବା ପାଇଁ ପର୍ଯ୍ୟାପ୍ତ ରାସନ ଅଛି ନା ମନ ଲାଖି ଜିନିଷଟିଏ କିଣିବା ପାଇଁ ହାତରେ ଦୁଇ ପଇସା ଅଛି। ଲୁହ ଲହୁ ପିଇ ଜୀବନ ଜିଇଁବା ହିଁ ସେମାନଙ୍କ ଭାଗ୍ୟରେ ଲେଖା ହୋଇଛି ବୋଧହୁଏ। ଖଡ଼ିଆଳ ବ୍ଲକ କିରିକିଟା ପଞ୍ଚାୟତର ଜୁନାପାଣି ଗ୍ରାମର ଖଲିଆ ଭଟାପଡ଼ାରେ ଏଭଳି ଏକ ଦୁଃଖୀ ପରିବାର ଦେଖିବାକୁ ମିଳିଛି।

ଏହି ଗ୍ରାମର ମମତା ମାଝୀଙ୍କ ଦୁଃଖ କହିଲେ ନ ସରେ। ଦୁଇ ପୁଅ ଟିକେରାମ (୫), ଧନେଶ୍ୱର (୩) ଓ ଗୋଟିଏ ଝିଅ ମଞ୍ଜୁଳା (ବର୍ଷେ)କୁ ନେଇ ତାଙ୍କ ଅଭାବୀ ସଂସାର। ସ୍ୱାମୀ ବଲି ମାଝୀ ୬ ମାସ ତଳେ ଆରପାରିକୁ ଚାଲି ଯାଇଛନ୍ତି। ଯାହାଙ୍କ ହାତ ଧରି ଦିନେ ସୁଖର ସଂସାର ଗଢିଥିଲେ ସେ ଯେ ଦିନେ ସବୁଦିନ ପାଇଁ ଛାଡି ଚାଲିଯିବ ଓ ସେମାନେ ଦୁଃଖ ସାଗରରେ ଭାସି ବୁଲିବେ ଏକଥା କଳ୍ପନା ମଧ୍ୟ କରି ନ ଥିଲେ ମମତା। ସ୍ୱାମୀ ଥିବା ବେଳେ ଅଭାବ ନ ଥିଲା। ମୁଣ୍ଡ ଝାଳ ତୁଣ୍ଡରେ ମାରି ଦୁଇ ପ୍ରାଣୀ ଆପଣା ସଂସାରକୁ ଦୁଃଖ ସୁଖରେ ଚଲାଇ ନେଇଥିଲେ। ଦୁଇ ପୁଅ ଓ ଗୋଟିଏ ଝିଅକୁ ନେଇ ଇଟାମାଟିର ଘର ହସ ଖୁସିରେ ଫାଟି ପଡୁଥିଲା; ହେଲେ ଏ ସୁଖ ଯେ ଅଳ୍ପ ଦିନ ପାଇଁ ମମତା ଜାଣି ପାରି ନ ଥିଲେ। ସ୍ୱାମୀ ବଲିଙ୍କୁ ଅଳ୍ପ ଅଳ୍ପ ଜ୍ୱର ହେଲା। ଡାକ୍ତରଙ୍କୁ ଦେଖାଇ ଔଷଦ ଖୁଆଇଲେ; ହେଲେ ଜ୍ୱର କମିଲା ନାହିଁ। ସ୍ୱାମୀଙ୍କ ଜୀବନ ଦୀପ ଲିଭିଗଲା। ମମତାଙ୍କ ମୁଣ୍ଡରେ ଚଡକ ପଡ଼ିଲା। ତିନି ତିନିଟି କଅଁଳ ଛୁଆଙ୍କୁ ନେଇ ଜୀବନ ବଞ୍ଚିବେ କେମିତି?

ସ୍ୱାମୀ ଯିବାର ଏହା ଭିତରେ ୬ ମାସ ବିତିଗଲାଣି; କିନ୍ତୁ ତାଙ୍କୁ ଭତ୍ତା ମିଳୁନି। ପରିବାର ମଙ୍ଗଳ ଯୋଜନା ସହାୟତା ପାଇ ମଧ୍ୟ ନାହାନ୍ତି। ଏପରିକି ସ୍ୱାମୀଙ୍କ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ଆବେଦନ କରିଥିଲେ ମଧ୍ୟ ହରିଶ୍ଚନ୍ଦ୍ର ଯୋଜନାରେ ସହଯୋଗ ପାଇ ନାହାନ୍ତି। ମମତାଙ୍କୁ କୌଣସି ସରକାରୀ ସହଯୋଗ ମିଳି ପାରି ନାହିଁ। ତାଙ୍କ ପରିବାରକୁ ଏ ପର୍ଯ୍ୟନ୍ତ ରାସନ୍ କାର୍ଡ ମିଳି ପାରିନି। ଆବାସ ଯୋଜନାରେ ଘର ଖଣ୍ଡେ ପାଇବା ସାତ ସପନ ହୋଇ ଯାଇଛି। ଛୋଟ ଛୋଟ ଛୁଆଙ୍କୁ ଛାଡି ମମତା ମୂଲ ଲାଗିବା ପାଇଁ ଯାଆନ୍ତି। ଯେଉଁ ଦିନ କାମ ମିଳେ ନାହିଁ କିମ୍ବା ସେ ଯାଇ ପାରନ୍ତି ନାହିଁ ସେଦିନ ପର ଘରୁ ମାଗିକି ଖାଇବାକୁ ପଡେ। ତାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ଦେବା ସହ ବିଧବା ଭତ୍ତା, ପରିବାର ମଙ୍ଗଳ ଯୋଜନାର ୨୦ହଜାର, ଅନ୍ତ୍ୟୋଦୟ କାର୍ଡ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ବ୍ୟବସ୍ଥା କରିବାକୁ ସେ ଆକୁଳ ନିବେଦନ କରିଛନ୍ତି।

● ୬ ମାସ ହେଲା ଆରପାରିରେ ସ୍ୱାମୀ
● ୩ ପିଲାଙ୍କ ଲାଳନପାଳନ ନେଇ ଚିନ୍ତା
● ଭତ୍ତା ମିଳିନି କି ରାସନ କାର୍ଡ ନାହିଁ
● ଆବାସ ଯୋଜନାରେ ଘର ମଧ୍ୟ ମିଳିନି



ତେବେ ଏ ନେଇ ସ୍ଥାନୀୟ ସରପଞ୍ଚ ଛବି ମାଝୀଙ୍କୁ ପଚାରିବାରୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣ ପତ୍ର ଦେଇ ନ ଥିବାରୁ ଏସବୁ ସୁବିଧା ମିଳି ପାରୁ ନ ଥିଲା। ଏବେ ସବୁ କାଗଜ ପତ୍ର ଦିଆଯାଇଛି। ନିୟମାନୁସାରେ ସବୁ ପ୍ରକାର ସହଯୋଗ କରାଯିବ ବୋଲି କହିଛନ୍ତି।

## ହାଇଦ୍ରାବାଦରେ ପୁଣି ଜଣେ ଦାଦନଙ୍କ ମୃତ୍ୟୁ

**ଲଡୁଗାଁ/କୋକସରା, ୧୫।୬(ସମିସ):** ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିବା କୋକସରା ଅଞ୍ଚଳର ଜଣେ ଶ୍ରମିକଙ୍କ ମୃତଦେହ ନିଜ ଭିଟାମାଟିକୁ ଫେରୁଛି। ମୃତ ଶ୍ରମିକ ଜଣଙ୍କ କୋକସରା ସଦର ମହକୁମା ପଞ୍ଚାୟତ ଚିଲିଗୁଡା ଗ୍ରାମର ମନଧର ଛତ୍ରିଆ (୪୯) ବୋଲି ଜଣାପଡ଼ିଛି। କଳାହାଣ୍ଡି ଜିଲ୍ଲାରେ ଲୋକମାନେ ଦାନା ପାଇଁ ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରିବା ସତରେ ଏକ ଅଭିଶାପ ପାଲଟିଛି। ପରିବାର ପ୍ରତିପୋଷଣ ପାଇଁ ୬ ମାସ ତଳେ ମନଧର ଓ ତାଙ୍କ ପତ୍ନୀ ସୂର୍ଯ୍ୟକାନ୍ତି ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ ମନଧର ଶନିବାର କମ୍ପାନୀ ଗାଡିରେ ଗନ୍ତବ୍ୟ ସ୍ଥଳକୁ ଯାଉଥିଲେ। ଯିବା ସମୟରେ ଗାଡ଼ି ଚକା ତଳେ ପଡ଼ି ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ପରେ ଠିକାସଂସ୍ଥା କର୍ତ୍ତୃପକ୍ଷ ମନଧରଙ୍କ ଶବକୁ ଆମ୍ବୁଲାନ୍ସ ଯୋଗେ ଭିଟାମାଟିକୁ ପଠାଉଥିବା ସୂଚନା ମିଳିଛି। ଏହି ଘଟଣା ଗାଁରେ ପ୍ରଚାରିତ ହେବାରେ ଚିଲିଗୁଡା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମୃତକଙ୍କ ପରିବାର ଲୋକେ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି। ମୃତ ମନଧର ବୃଦ୍ଧ ଶାଶୁ ଶ୍ୱଶୁରଙ୍କ ସାହାରା ଥିବାବେଳେ ତାଇଁଙ୍କ ମୃତ୍ୟୁ ନେଇ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି।



**ନୂଆ ରେଳ ଲାଇନ୍ କାର୍ଯ୍ୟର ଯାଞ୍ଚ**

# ପରୀକ୍ଷାମୂଳକ ଭାବେ ଗଡ଼ିଲା ଇଞ୍ଜିନ

**ସୋନପୁର/ମନମୁଣ୍ଡା/ଶଗଡ଼ା, ୧୫।୬(ସମିସ)**

ସୋନପୁର ଓ ବୌଦ୍ଧ ଜିଲ୍ଲାର ଝାରମୁଣ୍ଡା ରେଳ ଷ୍ଟେସନ ମଧ୍ୟରେ ନିର୍ମିତ ନୂତନ ଲାଇନରେ ପରୀକ୍ଷାମୂଳକ ଭାବେ ରେଳ ଇଞ୍ଜିନ ଗଡ଼ିଛି। ଏହା ସହ ଏହି ରେଳ ଧାରଣାର କାର୍ଯ୍ୟ ଯାଞ୍ଚ କରାଯାଇଛି। ଦକ୍ଷିଣ ପୂର୍ବାଞ୍ଚଳ ସର୍କଲ ରେଳ ସୁରକ୍ଷା କମିଶନର ବ୍ରିଜେଶ ମିଶ୍ର, ସମ୍ବଲପୁର ଡିଆରଏମ୍ ତୁଷାରକାନ୍ତି ପଣ୍ଡା, ମୁଖ୍ୟ ସୁରକ୍ଷା ଅଧିକାରୀ ଗୌତମ ଶ୍ରୀନିବାସ, ମୁଖ୍ୟ ଯନ୍ତ୍ରୀ ଅଜୟ ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାରୁ ତେଲନଦୀ ବ୍ରିଜ ଦେଇ ଜିଲ୍ଲାର ମନମୁଣ୍ଡା ପୁରୁଣାପାଣି ଷ୍ଟେସନକୁ ପ୍ରଥମ ପର୍ଯ୍ୟାୟରେ ରେଳ ଇଞ୍ଜିନ ପରୀକ୍ଷାମୂଳକ ଭାବେ ଗଡ଼ିଛି। ସେହିଭଳି ଝାରମୁଣ୍ଡା ରେଳ ଷ୍ଟେସନ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ ରେଳ ଇଞ୍ଜିନ ଗଡ଼ିଛି। ସୂଚନାଯୋଗ୍ୟ, ଖୁବଶୀଘ୍ର ବୌଦ୍ଧ ପର୍ଯ୍ୟନ୍ତ ଟ୍ରାଏଲ ରନ୍ କରାଯିବ। ଏଥିପାଇଁ ଜୋରସୋରରେ କାମ ମଧ୍ୟ ଚାଲିଛି। ସାଲୁଙ୍କୀ ନଦୀ ଉପରେ ରେଳ ବ୍ରିଜ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ଅନ୍ୟପକ୍ଷରେ ବୌଦ୍ଧ ମୁଖ୍ୟ ଷ୍ଟେସନରେ ୨ଟି ପ୍ଲାଟଫର୍ମ ନିର୍ମାଣ କାର୍ଯ୍ୟ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୌଦ୍ଧ ମୁଖ୍ୟ ଷ୍ଟେସନରେ ୮ଟି ଟ୍ରାକ୍ ବିଛା ଯାଉଛି। ୬ଟି ପ୍ଲାଟଫର୍ମ ନିର୍ମାଣ ହେବ। ବୌଦ୍ଧ ଜିଲ୍ଲାରେ ସବୁଠାରୁ ବଡ ଟନେଲ ନିର୍ମାଣ ହେଉଛି। ହରଭଙ୍ଗା ବ୍ଲକର ଆଡେଣୀଗଡ଼ଠାରୁ କୋରଡାକୋଠା ପର୍ଯ୍ୟନ୍ତ ନିର୍ମାଣାଧୀନ ଏହି ଟନେଲର ଲମ୍ବ ୪ କିଲୋମିଟରରୁ ଅଧିକ ରହିଛି।





# ଶ୍ରୀଜିଉଙ୍କ ରଥ ନିର୍ମାଣ ଲାଗି ପୁରୀ ଗଲା କାଠ



**ଶଗଡ଼ା/ମନମୁଣ୍ଡା, ୧୫।୬(ସମିସ):** ବୌଦ୍ଧ ବନଖଣ୍ଡ ମନମୁଣ୍ଡା ରେଞ୍ଜ ଅଧୀନ ଗୁନ୍ଦୁଲିଆ ଓ ଶଗଡ଼ା ସେକ୍ସନ ଅଞ୍ଚଳରୁ ଶନିବାର ୨୪ ଖଣ୍ଡ କାଠ ଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ପୁରୀ ପଠା ଯାଇଛି। ନମିତା ହୋତା ସବୁଜ ପତାକା ଦେଖାଇବା ପରେ ଟ୍ରକ୍ ପୁରୀ ଅଭିମୁଖେ ବାହାରିଥିଲା।

ଗୁନ୍ଦୁଲିଆ ଫରେଷ୍ଟ ସେକ୍ସନ ଅଧୀନ ସୁବର୍ଣ୍ଣଗିରି ଜଙ୍ଗଲ ଓ ଶଗଡ଼ା ଫରେଷ୍ଟ ସେକ୍ସନ ଅଧୀନ ପେନାଜୁର ଜଙ୍ଗଲରୁ ସମୁଦାୟ ଏହି କାଠ ପୁରୀ ପଠା ଯାଇଛି। ଏହି ରଥକାଠ ଗାଡ଼ିକୁ ଭକ୍ତିମୟ ପରିବେଶରେ ପୂଜାର୍ଚ୍ଚନା ସହ ନାମସଂକୀର୍ତ୍ତନ କରାଯାଇ ପୁରୀ ପଠାଯାଇଛି। ଏହି କାର୍ଯ୍ୟକ୍ରମରେ ମନମୁଣ୍ଡା ରେଞ୍ଜ ଅଫିସର ଶ୍ରୀବତ୍ସ କୁମୁରା, ଗୁନ୍ଦୁଲିଆ ଫରେଷ୍ଟର ଦେବକାନ୍ତ ବେହେରା, ମନମୁଣ୍ଡା ବନପାଳ ପ୍ରକାଶ ଚନ୍ଦ୍ର ସେଠୀ, ଶଗଡ଼ା ବନପାଳ ପ୍ରଶାନ୍ତ ପ୍ରଧାନ, ଗୁନ୍ଦୁଲିଆ ସରପଞ୍ଚ ଧବଳେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ମନମୁଣ୍ଡା ଡେପୁଟି ରେଞ୍ଜ ଅଫିସର ଦେବରାଜ ଛତ୍ରିଆ, ଫରେଷ୍ଟ ଗାର୍ଡ ରଞ୍ଜିତ ପ୍ରଧାନ, କର୍ମଚାରୀ ହୃଷୀକେଶ ନାଏକ, ପୀତବାସ ସିଂ, ବଂଶୀଧର ମହଲା ସହଯୋଗ କରିଥିଲେ।

## ୧୦୮ ହନୁମାନଚାଳିଶା ପାଠ

**ତୁଷୁରା, ୧୫।୬(ସମିସ):** ତୁଷୁରାରେ ରଜ ସଂକ୍ରାନ୍ତି ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ସଂକ୍ରାନ୍ତି ପୂଜା ସହିତ ୧୦୮ ଥର ହନୁମାନ ଚାଳିଶା ପାଠ କରାଯାଇଥିଲା।



ଏହି ସଂକ୍ରାନ୍ତି ପୂଜାରେ ଦେବବ୍ରତ ପାଣିଗ୍ରାହୀ କର୍ତ୍ତା ହୋଇଥିବା ବେଳେ ପୂଜକ ଭାବେ ଜଗଦୀଶ ପାଣ୍ଡିଆ କାର୍ଯ୍ୟଭାର ତୁଲାଇ ଥିଲେ। ଏଥିରେ ତୁଷୁରା ସହରର ଅନେକ ଯୁବକ ଏବଂ ମହିଳାମାନେ ସାମିଲ ହୋଇଥିଲେ।

## ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ରୋଗୀ ମୃତ

### ଘଟଣା ଚପାଇବାକୁ ଉଦ୍ୟମ

**ବେଲପଡ଼ା, ୧୫।୬(ସମିସ):** ବେଲପଡ଼ାରେ ଜଣେ ରୋଗୀଙ୍କୁ ଭୁଲ ଇଞ୍ଜେକ୍ସନ ଦେବାଫଳରେ ରୋଗୀଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ନିକଟସ୍ଥ ତରା ଗାଁରୁ ଏଭଳି ଅଭିଯୋଗ ଆସିଛି। ସୂଚନା ଅନୁସାରେ ତରା ଗାଁର ଯମୁନା ପାତ୍ର ଅସୁସ୍ଥତା ଅନୁଭବ କରିବାରୁ କାଙ୍କ ସ୍ୱାମୀ ପୂର୍ଣ୍ଣପାତ୍ର ସହରରେ ଥିବା ଏକ ଘରୋଇ କ୍ଲିନିକ୍‌କୁ ଦେଖାଇବାକୁ ଆଣିଥିଲେ। କ୍ଲିନିକ୍‌ରେ ଥିବା ଡାକ୍ତର ଇଞ୍ଜେକ୍ସନ ସହ ସାଲାଇନ୍ ଦେଉଥିବାବେଳେ ହଠାତ୍ ଅଧିକ ଅସୁସ୍ଥତା ଅନୁଭବ କରିଥିଲେ ରୋଗୀ। ଏହା ଦେଖି ସ୍ୱାମୀ ପୂର୍ଣ୍ଣପାତ୍ର ପ୍ରତିବାଦ କରିବାରୁ ତୁରନ୍ତ ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ କହିଥିଲେ କ୍ଲିନିକ ମାଲିକ। ଡାକ୍ତରଖାନାରେ ପହଞ୍ଚିବା ବେଳକୁ ଯମୁନାଙ୍କ ମୃତ୍ୟୁ ଘଟିଥିବା ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରବୀନ୍ଦ୍ର ମେହେର କହିଛନ୍ତି। ଏନେଇ ପରିବାର ଲୋକ ପ୍ରତିବାଦ କରିବାରୁ ଅର୍ଥର ପ୍ରଲୋଭନ ଦେଖାଇ ପରିବାର ଲୋକଙ୍କ ମୁହଁ ବନ୍ଦ କରିଦେଇଥିବା ଜଣାପଡ଼ିଛି। ଅନ୍ୟପଟେ ମେଡିକାଲ ଷ୍ଟୋରରେ କେମିତି ବେଆଇନ କ୍ଲିନିକ ଚାଲିଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ରୋଗୀଙ୍କ ସହ ଏମିତି ସାଙ୍ଘାତିକ ଖେଳ ଖେଳା ଯାଉଥିଲେ ହିଁ କାହିଁକି ବରିଷ୍ଠ ଅଧିକାରୀମାନେ ଜାଣି ପାରୁନାହାନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଜିଲ୍ଲାପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।

## ରବିଧାନ ବିକ୍ରିରେ ୬କେଜି କଟନୀ ନେଇ ଚାଷୀ ଅସନ୍ତୋଷ

**ଦେଓଗାଁ, ୧୫।୬(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକରେ ୧୧ଟି ପାକ୍ସରେ ଚାଲିଛି ରବିଧାନ କ୍ରୟ। ତେବେ କେତେକ ପାକ୍ସରେ ମିଲର୍ସମାନେ ଚାଷୀଙ୍କ ଠାରୁ ୬/୭ କେଜି କଟ୍‌ନୀ କରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦୁଇ ତିନି ତଳେ ଦେଓଗାଁ ପାକ୍ସର କିଛି ଚାଷୀଙ୍କ ଧାନ ନିକଟସ୍ଥ ସମଲେଶ୍ୱରୀ ରାଇସ୍ ମିଲକୁ ନେଇଥିଲେ। ସେଠାରେ ମିଲର୍ସ ଏଫଏକ୍ୟୁ ମାନ ନ ଥିବା କହି ୬ରୁ୭କେଜି ଧାନ କଟିଥିଲେ। ଏହାକୁ ନେଇ ଉକ୍ତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବାସହ ବାଧହୋଇ ମିଲରେ ଧାନଦେଇ ଘରକୁ ଫେରିଥିବା ଜଣାପଡ଼ିଥିଲା। ସମ୍ପୃକ୍ତ ଗାଇବାହାଲର ଚାଷୀ ରାଧେଶ୍ୟାମ ପୋଡ଼ଙ୍କୁ ଏ ନେଇ ପଚାରିବାରୁ ସମଲେଶ୍ୱରୀ ମିଲକୁ ୫୪ କ୍ୱିଣ୍ଟାଲ ଧାନ ବିକ୍ରିପାଇଁ ନେଇଥିଲି ମୋଠୁ ୫କେଜି ଧାନ କଟନୀ କରିଛି ବୋଲି କହିଥିଲେ। ଏ ନେଇ ଏଆରସିଏସ ରାଧାକୃଷ୍ଣ ମେହେରଙ୍କୁ ପଚାରିବାରୁ ଚାଷୀ ପାକ୍ସରେ ଧାନ ଦେବାକଥା। କିନ୍ତୁ କିଛି ଚାଷୀ ସିଧାସଳଖ ମିଲକୁ ନେଉଥିବାରୁ ସେଠାରେ ମିଲର୍ସ ମାନେ ତାଙ୍କ ମନମାନୀ କରୁଛନ୍ତି। ଏ ଦିଗରେ ତଦନ୍ତ କରିବା ବୋଲି କହିଥିଲେ।



**ବିଭିନ୍ନ ସମସ୍ୟା ଉପରେ ଜନସାଧାରଣଙ୍କ ସହ ଆଲୋଚନା**

# ବିଧାୟକଙ୍କ ରଘୁନାଥ ଜଗଦଲାଙ୍କ ବିଭିନ୍ନ ଗାଁ ଗସ୍ତ

**ସୁବଳୟା, ୧୫।୬ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରର ନବ ନିର୍ବାଚିତ ବିଧାୟକ ଇଂ ରଘୁନାଥ ଜଗଦଲା ଶନିବାର ଦଳୀୟ କର୍ମକର୍ତ୍ତା ସହ ବିଭିନ୍ନ ଗ୍ରାମକୁ ପରିଦର୍ଶନ କରିବା ସହ ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ଥାନୀୟ ହରିହର ଯୋର ଠେଙ୍ଗୋ ଡ୍ୟାମ୍ ବଙ୍ଗଳାରେ ଆୟୋଜିତ ସମ୍ମିଳନୀରେ ବିଧାୟକ ଜଗଦଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୀରମହାରାଜପୁର ଦୁଇ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ ଓ ବିବେକାନନ୍ଦ ପଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ବେଣୁଧର ଦାସ, ବହଳପଦର ପୂର୍ବତନ ସରପଞ୍ଚ ଡମ୍ବରୁଧର ସାହୁ, ଦୁର୍ଜନତୈଲା ପୂର୍ବତନ ସରପଞ୍ଚ ରଞ୍ଜିତ ଖେତୀ, ବହଳପଦର ସରପଞ୍ଚ ପ୍ରତିନିଧି ଗୋପାଳ ସେଠି, ବରିଷ୍ଠ ବିଜେପି କର୍ମୀ କେଶବ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଚାଷୀଙ୍କୁ ଜଳଯୋଗାଣ ଓ ଗାଁକୁ ପିଇବା ପାଣି କେମିତି ଠିକରେ ପହଞ୍ଚି ସେଥିପାଇଁ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଠେଙ୍ଗୋ ଡ୍ୟାମ୍ କିପରି ଏକ ଭଲ ପର୍ଯ୍ୟଟନ ସ୍ଥଳ ହୋଇପାରିବ ଓ ମଣ୍ଡିରେ ଧାନ ଅଭାବୀ ବିକ୍ରି ପାଇଁ ପଦକ୍ଷେପ ନେବେ ବୋଲି କହିଥିଲେ। ସଭାରେ କେନଝିରିଆପାଲି, ଦୁର୍ଜନତୈଲା, ବହଳପଦର, ଗୋପାଳ ସେଠିଙ୍କ ଆୟୋଜିତ ସଭାରେ ପଞ୍ଚାୟତର ବହୁକର୍ମୀ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ବିବାଦୀୟ ହୋଇ ବନ୍ଦ



ଖଣ୍ଡହତା, ସୁବଳୟା, ଲୁତୁରପଙ୍କ ପଞ୍ଚାୟତର୍ ବହୁ ଜନସାଧାରଣ ଯୋଗ ଦେଇଥିଲେ। ବହଳପଦର ପଞ୍ଚାୟତରେ ସରପଞ୍ଚ ନିରୁପମା ସେଠି ପୁଷ୍ପ ମାଲ୍ୟ ଓ ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ। ପଡ଼ିଥିବା ଭୂତିଆପାଲି ବ୍ରିଜ କାମ ଓ ଗୁଦଗୁଦାକୁ ରାସ୍ତା ଅବରୋଧ ବିଷୟରେ ଅଭିଯୋଗ କରି ସମସ୍ୟାର ସମାଧାନ କରିବାପାଇଁ ସମସ୍ତେ ଅନୁରୋଧ କରିଥିଲେ।

## ୩୦ କେଜି ଗଞ୍ଜେଇ ସହ କାର୍ ଜବତ

**ଦୁଇ ଗିରଫ**

**ବୌଦ୍ଧ, ୧୫।୬(ସମିସ):** ବୌଦ୍ଧ ମହାନଦୀ ବ୍ରିଜ ଛକରେ ଗାଡ଼ି ଯାଞ୍ଚ କରିବା ସମୟରେବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାଡ୍ ୩୦ କେଜି ଗଞ୍ଜେଇ ସହ ଏକ କାର୍ (ଓଆର ୩୧ ୫୪୧୦) ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୨ ଜଣ ଗଞ୍ଜେଇ ମାଫିଆ ଗିରଫ ହୋଇଛନ୍ତି। ଏମାନେ ହେଲେ ମନମୁଣ୍ଡା ଥାନା ଶଗଡ଼ା ଫାଣ୍ଡି ଅଧୀନ ଗୁନ୍ଦୁଲିଆ ଗ୍ରାମର କପିଳ ସିଂ (୪୦) ଓ ଏରେଡା ତିଲପଙ୍ଗା ଗ୍ରାମର ଶ୍ରୀକୃଷ୍ଣ ବେହେରା (୪୩)। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି।



## ବିପଦସଂକୁଳ ବିଦ୍ୟୁତ ତାର

**କେସିଙ୍ଗା/ଗାଇଗାଁ, ୧୫।୬(ସମିସ):** କେସିଙ୍ଗା ବ୍ଲକ ପଥର୍ଲା ପଞ୍ଚାୟତ ବହାଦୁର ପଦର ଗାଁର ତେଲ ନଦୀକୁ ଯାଇଥିବା ରାସ୍ତା ଉପରେ ୧୧ କେଭି ବିଦ୍ୟୁତ ତାର ବିପଦସଂକୁଳ ଅବସ୍ଥାରେ ରହିଅଛି। ମୁକୁଳା ଟ୍ରାନ୍ସଫର୍ମର ଏବଂ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବିଦ୍ୟୁତ ତାରକୁ ନେଇ ଖବର ପ୍ରକାଶ ପରେ ବହାଦୁର ପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାମ୍ନାରେ ଥିବା ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ଦିଆଯାଇଛି। ହେଲେ ଉକ୍ତ ଗାଁର କଲୋନୀ ପଡ଼ା ବସୁଧା ପାଣି ଟାଙ୍କି ସାମ୍ନାରେ ଥିବା ମୁକୁଳା ଟ୍ରାନ୍ସଫର୍ମର ଏବଂ ତେଲ ନଦୀ ରାସ୍ତା ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ ତାର ଉପରେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିପରି କେସିଙ୍ଗା ବ୍ଲକର ଅନେକ ଗ୍ରାମରେ ରାସ୍ତା କଡରେ ଥିବା ମୁକୁଳା ଟ୍ରାନ୍ସଫର୍ମର ବିପଦସଂକୁଳ ଅବସ୍ଥାରେ ଅଛି। ତେଣୁ ଅନେକ ସମୟରେ ଦୈନନ୍ଦିନ ଯିବାଆସିବା କରୁଥିବା ଜୀବଜନ୍ତୁ, ଗାଈ, ଗୋରୁ ଓ ମଣିଷ ପ୍ରତି ବିପଦର ଆଶଙ୍କା ରହୁଛି। ତେବେ ଆଗକୁ ବର୍ଷା ଋତୁ ଆଗମନ ପୂର୍ବରୁ ଏଦିଗରେ ବିଦ୍ୟୁତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ମୁକୁଳା ଟ୍ରାନ୍ସଫର୍ମର ଏବଂ ବିପଦସଂକୁଳ ବିଦ୍ୟୁତ ତାର ଉପରେ ନେବାକୁ ସାଧାରଣରେ ଦାବି ହେଉଛି।

## ସାଂସଦ ଓ ବିଧାୟକଙ୍କ ଡାକ୍ତରଖାନା ପରିଦର୍ଶନ

**ବୌଦ୍ଧ, ୧୫।୬(ସମିସ):** ନବ ନିର୍ବାଚିତ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଓ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ପୁରୁଣାକଟକ ଗସ୍ତ କରିଛନ୍ତି। ପ୍ରଥମେ ସାଂସଦ ଓ ବିଧାୟକ ମା' ଭୈରବୀଙ୍କ ମନ୍ଦିରକୁ ସମର୍ଥକଙ୍କ ସହ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଚିକିତ୍ସାଧୀନ ରୋଗୀଙ୍କୁ ଫଳ ବଣ୍ଟନ କରି ସେମାନଙ୍କୁ ଚିକିତ୍ସା ସମ୍ପର୍କିତ ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମିର ନିରୀକ୍ଷଣ କରିଥିଲେ।



**■ ଟାଉନ ହଲ୍ ସମ୍ମୁଖରୁ ଗଛ କଟାଙ୍କୁ ନେଇ ଅସନ୍ତୋଷ**

# ପ୍ରତିବାଦ ପାଇଁ ଅଣ୍ଟା ଭିଡିଲେ ସୋନପୁରବାସୀ

**ସୋନପୁର, ୧୫।୬ (ସମିସ):** ସୋନପୁର ନୂଆ ଟାଉନ୍ ହଲ୍ ସମ୍ମୁଖରୁ ୨ଟି ଗଛ କଟାଯିବା ଘଟଣାକୁ ସହରର ଯୁବ ଗୋଷ୍ଠୀ ଅତି ଗୁରୁତ୍ୱର ସହ ନେଇଛନ୍ତି। ଏହାର ଦୃଢ ପ୍ରତିବାଦ ପାଇଁ ପରିବେଶପ୍ରେମୀ ନିଷ୍ପତ୍ତି ନେଇଛନ୍ତି। ଟାଉନ୍ ହଲ୍ ସମ୍ମୁଖରୁ ସ୍ମାର୍ଟ ପାର୍କ ଯାଏଁ ଥିବା ସମସ୍ତ ବଡ ଗଛ କାଟିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣା ପଡ଼ିବା ପରେ ଗ୍ରୀନ୍ ସୁବର୍ଣ୍ଣପୁରର ସଦସ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ଠିକା ସଂସ୍ଥା ସହ ଆଲୋଚନା କରି ଆଉ ଗଛ ନ କାଟିବାକୁ କୁହାଯାଇଛି ବୋଲି ସାମାଜିକ କର୍ମୀ ତାପସ ବେଉରା କହିଛନ୍ତି। ଘଟଣାର ପ୍ରତିବାଦ ପାଇଁ ସହରର ଜନ ସାଧାରଣଙ୍କୁ ନେଇ ରବିବାର ସନ୍ଧ୍ୟା ୬ଟାରେ ସ୍ମାର୍ଟ ପାର୍କରେ ଏକ

**ଆଜି ସନ୍ଧ୍ୟାରେ ସ୍ମାର୍ଟ ପାର୍କରେ ବସିବ ବୈଠକ**

ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ବୈଠକର ନିଷ୍ପତ୍ତି ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। କିଏ କେଉଁ ପରିସ୍ଥିତିରେ ଖରା ଦିନେ ଗଛ କାଟିବା ପାଇଁ ଅନୁମତି ଦେଲା ତାର ଅନୁଧ୍ୟାନ କରାଯିବ। ଆବଶ୍ୟକ ହେଲେ ଯେଉଁ ଅଧିକାରୀ ଅନୁମତି ଦେଇଛନ୍ତି ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଉଦ୍ୟମ କରାଯିବ ବୋଲି ସଂଗଠନ ତରଫରୁ କୁହାଯାଇଛି। ସୂଚନାଯୋଗ୍ୟ କେବଳ 'ସକାଳ'ରେ ଶନିବାର ଗଛ କଟାଯାଇଥିବା ଘଟଣା ସମ୍ପର୍କରେ ଖବର ପ୍ରକାଶ ପାଇଥିଲା। ଏହା ଜାଣିବା ପରେ ସୋନପୁର ସହରର ପରିବେଶବିତ୍, ବୁଦ୍ଧିଜୀବୀ ଓ ଗଛପ୍ରେମୀ ପ୍ରଶାସନ ପ୍ରତି ଅସନ୍ତୋଷ ପ୍ରକାଶ କରିଛନ୍ତି।

## ବିଧାୟକ, ସାଂସଦଙ୍କୁ ସମ୍ବର୍ଦ୍ଧନା

**ବୌଦ୍ଧ, ୧୫।୬(ସମିସ):** ବୌଦ୍ଧରେ ନବ ନିର୍ବାଚିତ ବିଧାୟକ ସରୋଜ ପ୍ରଧାନ ଏବଂ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଉଭୟ ବିଧାୟକ ଏବଂ ସାଂସଦଙ୍କ ଶପଥ ଗ୍ରହଣ କରିବା ପରେ ପ୍ରଥମ ବୌଦ୍ଧ ଗସ୍ତ ଅବସରରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନହଲଠାରେ ଆୟୋଜନ କରାଯାଇଥିଲା। ବୌଦ୍ଧ ନାଗରିକ କମିଟି ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ବୌଦ୍ଧ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଅକ୍ଷୟ ସାହୁ ମଞ୍ଚାସୀନ ଥିଲେ। ବିଭିନ୍ନ ସାମାଜିକ ସଂଗଠନ, କର୍ମଚାରୀ ସଂଗଠନ, ସାମ୍ବାଦିକ ସଂଗଠନ, କ୍ରୀଡା ସଂଗଠନ, ଓକିଲ ସଂଘ, ବିଭିନ୍ନ ଜାତି ସମାଜ ପ୍ରଭୃତି ୧୧୫ଟି ସଂଗଠନ ତରଫରୁ ବିଧାୟକ ଏବଂ ସାଂସଦଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।



**ପ୍ରଥମ ପିପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# 'ଦି ଏକ୍ସପର୍ଟ' ଚାମ୍ପିଅନ

**ବିନିକା, ୧୫।୬(ସମିସ)**

ବିନିକା ପାଲିପଡ଼ା କ୍ରିକେଟ କ୍ଲବ ତରଫରୁ ଚାଲିଥିବା ପ୍ରଥମ ପିପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସ୍କାଏ ଇଗଲକୁ ୨୯ରନ୍‌ରେ ପରାସ୍ତ କରି ଦ ଏକ୍ସପର୍ଟ ଚାମ୍ପିଅନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ବିନିକା ଏନଏସିର ମୋଟ ୬ଟି ଦଳ ଭାଗ ନେଇଥିଲେ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଦ ଏକ୍ସପର୍ଟ ବନାମ ସ୍କାଏ ଇଗଲ ମଧ୍ୟରେ ହୋଇଥିଲା। ଦ ଏକ୍ସପର୍ଟ ପ୍ରଥମେ ବ୍ୟାଟିଂ କରି ୭୬ରନ ଯୋଗେ ୧୦ଓଭରରେ ୫ଓ୍ୱିକେଟ ହରାଇ ୧୩୫ରନ୍ କରିଥିଲ। ସ୍କାଏ ଇଗଲ ସମସ୍ତ ଓ୍ୱିକେଟ ହରାଇ ମାତ୍ର ୧୦୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଚନ୍ଦ୍ର ଶେଖର ୪୮ ରନ୍ କରିଥିବା ବେଳେ ବାକି ବ୍ୟାଟ୍ସମ୍ୟାନ ରନ କରିବାରେ ସଫଳ ହୋଇ ନ ଥିଲେ। ମ୍ୟାଚ୍‌କୁ ଅମ୍ପାୟାର ବିଷ୍ଣୁ ନାରାୟଣ ମହାରଣା ଓ ମଧୁସୂଦନ ନାଗ ପରିଚାଳନା କରିଥିଲେ। ସ୍କୋରର ଭାବେ ଜୟନ୍ତ ଦଣ୍ଡସନା କାର୍ଯ୍ୟ ସମ୍ପାଦନ କରିଥିଲେ। ଆଲୋକ ରାଜହଂସ ଧାରା ବିବରଣୀ ଦେଇଥିଲେ। ଅମିତ ବିକ୍ରମ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିନିକା ବିଜେପି ଯୁବମୋର୍ଚ୍ଚା ନଗର ସଭାପତି ଭୁବନେଶ୍ୱର ପାତ୍ର, ସମ୍ମାନିତ ଅତିଥି ଭାବେ ବିଜେଡ଼ି ସଂଗଠକ ମନୋରଞ୍ଜନ ମିଶ୍ର, ଅବସରପ୍ରାପ୍ତ କର୍ମଚାରୀ ସତ୍ୟ ନାରାୟଣ ମିଶ୍ର, କୃଷକ ସଂଘ ସଭାପତି ଅଜିତ ପଣ୍ଡା, ଚାଷୀନେତା ସର୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।



**ବୌଦ୍ଧ ଜିଲ୍ଲା ଷ୍ଟାଡିୟମ**

# ବାହାର ଚକ୍‌ଚକ୍; ଭିତର ଅବ୍ୟବସ୍ଥା






- ୨୦ ବର୍ଷ ହେଲା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁନାହିଁ
- ଗ୍ୟାଲେରୀ, ତୋରଣ, ପାଚେରୀ ନିର୍ମାଣରେ ସୀମିତ
- ପଡିଆ ଉନ୍ନତିକରଣ ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ
- ପଡିଆ ସାରା ଖାଲଖମା, ଅନାବନା ଗଛ, ଆବର୍ଜନା
- ବୁଲା ଗୋରୁଗାଈଙ୍କ ଚାରଣ ଭୂମି ପାଲଟିଛି ଷ୍ଟାଡିୟମ ପରିସର
- ୧୦ ମାସ ହେଲା ଭଙ୍ଗାଯାଉନି ଅସ୍ଥାୟୀ ହେଲିପ୍ୟାଡ୍






**ବୌଦ୍ଧ,୧୫ ।୬(ସମିସ):** ବୌଦ୍ଧ ଜିଲ୍ଲା ଷ୍ଟାଡିୟମ ମଧ୍ୟରେ ନିର୍ମାଣ କରାଯାଇଥିବା ହେଲିପ୍ୟାଡ୍ ଯୋଗୁଁ କ୍ରୀଡ଼ା ବାଧାପ୍ରାପ୍ତ ହେଉଛି। ଏଣୁ କ୍ରୀଡ଼ବିତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଷ୍ଟାଡିୟମ ମଝିରେ ହେଲିପ୍ୟାଡ୍ ନିର୍ମାଣ ଯୋଗୁଁ କ୍ରୀଡା ଆୟୋଜନ ଓ ଅଭ୍ୟାସ ବାଧାପ୍ରାପ୍ତ ହେଉଥିବା ଖେଳାଳି ଅଭିଯୋଗ କରିଛନ୍ତି। ୨୦୨୩ ଅଗଷ୍ଟ ୫ରେ ପୂର୍ତ୍ତ ବିଭାଗ ଜିଲ୍ଲା ଷ୍ଟାଡିୟମରେ ଏହି ଅସ୍ଥାୟୀ ହେଲିପ୍ୟାଡ୍ ନିର୍ମାଣ କରିଥିଲା। ସେତେବେଳେ କ୍ରୀଡ଼ାବିତ ଏବଂ କ୍ରୀଡ଼ା ଆୟୋଜକମାନେ ଏହାକୁ ପ୍ରତିବାଦ କରିଥିଲେ। ଏହି ହେଲିପ୍ୟାଡ୍ ଭାଙ୍ଗିବା ପାଇଁ କ୍ରୀଡ଼ାବିତଙ୍କ ପକ୍ଷରୁ ଦାବି ହୋଇଆସୁଛି; ହେଲେ ନିର୍ମାଣର ଦୀର୍ଘ ୧୦ ମାସ ପରେ ମଧ୍ୟ ଭଙ୍ଗା ଯାଉନି। ଜିଲ୍ଲାର କ୍ରୀଡ଼ା ଭିତ୍ତିଭୂମି ସମ୍ପୂର୍ଣ୍ଣ ଅବହେଳିତ। ପ୍ରାୟ ୨୦ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଜିଲ୍ଲା ଷ୍ଟାଡିୟମ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ। କେବଳ ଗ୍ୟାଲେରୀ, ସୁଦୃଶ୍ୟ ତୋରଣ ଏବଂ ପାଚେରୀ ନିର୍ମାଣରେ କୋଟି କୋଟି ଟଙ୍କା ବ୍ୟୟ କରାଯାଇଛି। ଖେଳ ପାଇଁ ସବୁଠୁ ଅନିବାର୍ଯ୍ୟ ପଡିଆର ଉନ୍ନତିକରଣ ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ। ପଡିଆ ସାରା ଖାଲଖମା, ଅନାବନା ଗଛ, ଆବର୍ଜନା। ଏପରିକି ବୁଲା ଗୋରୁଗାଈଙ୍କ ଚାରଣ ଭୂମି ପାଲଟିଛି ଷ୍ଟାଡିୟମ ପରିସର। ଏଣେତେଣେ ପଡିଛି ଗୋବର। ଏହା ସତ୍ତ୍ୱେ ଖେଳାଳି ଏଠାରେ ଅଭ୍ୟାସ କରୁଛନ୍ତି। ଅପର ପକ୍ଷରେ ଷ୍ଟାଡିୟମକୁ ବିଭିନ୍ନ ସମୟରେ ଯାତ୍ରା, ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ସରକାରୀ କାର୍ଯ୍ୟକ୍ରମ ଭଳି ଅଣକ୍ରୀଡ଼ା କାର୍ଯ୍ୟରେ ବ୍ୟବହାର କରାଯାଉଛି। କାର୍ଯ୍ୟକ୍ରମ ପରେ ଟେଣ୍ଟ ହାଉସ ଦ୍ୱାରା ସୃଷ୍ଟି ହୋଇଥିବା ଗର୍ତ୍ତ ଏବଂ ପଡିଆ ସାରା ଏଣେତେଣେ ପଡ଼ିଥିବା ଟେଣ୍ଟ ହାଉସର ତୀକ୍ଷ୍ଣ କଣ୍ଟା କ୍ରୀଡ଼ାବିତଙ୍କ ପାଦରେ ଗଳୁଛି। ତେବେ ଏ ସମ୍ପର୍କରେ ଜିଲ୍ଲା କ୍ରୀଡା ଅଧିକାରୀ ପବିତ୍ର ରାଉତ କୌଣସି ଟିପ୍ପଣୀ ଦେବାକୁ ମନା କରି ଦେଇଥିଲେ। ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରଭାତ ଦାସଙ୍କ କହିବା ପ୍ରକାରେ ଜିଲ୍ଲା କ୍ରୀଡ଼ା ବିଭାଗର ଅନୁମତିରେ ଏହି ଅସ୍ଥାୟୀ ହେଲିପ୍ୟାଡ୍ ନିର୍ମାଣ କରାଯାଇଥିଲା। ଏଣୁ ଜିଲ୍ଲା କ୍ରୀଡା ବିଭାଗ ତାକୁ ଭାଙ୍ଗି ଦେଇ ପାରିବ।

## ଅଭ୍ୟାସ କ୍ରିକେଟ୍ ମ୍ୟାଚ୍‌ବେଳେ ମହୁମାଛି ଆକ୍ରମଣ



**ବୌଦ୍ଧ,୧୫ ।୬(ସମିସ):** ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ଶନିବାର ସକାଳ ୧୦ରେ ମହୁ ମାଛି ଆକ୍ରମଣ କରିଛନ୍ତି। ଏକ ଅଭ୍ୟାସ କ୍ରିକେଟ୍ ମ୍ୟାଚ୍ ଚାଲିଥିବା ବେଳେ ଏହି ଘଟଣା ଘଟିଥିଲା। ଷ୍ଟାଡିୟମ ନିକଟରେ ଥିବା ଫେଣାରୁ ହଠାତ୍ ମହୁ ମାଛି ବାହାରି ଆକ୍ରମଣ କରିଥିଲେ। ଏହାଫଳରେ ଖେଳ ଦେଖିବା ପାଇଁ ଅପେକ୍ଷା କରିଥିବା ଦର୍ଶକ ଓ ଖେଳାଳି ମହୁ ମାଛି ଆକ୍ରମଣର ଶିକାର ହୋଇଥିଲେ। ତେବେ ଖେଳାଳିମାନେ ପଡିଆ ମଧ୍ୟରେ ମୁହଁ ମାଡି କିଛି ସମୟ ଶୋଇ ରହିଥିବା ଦେଖିବାକୁ ମିଳିଥିଲା।

## ■ ବଦଳିଲେ ସରକାର, ବଦଳିଲେ ବିଧାୟକ

# ୧୦ ବର୍ଷର ଦାବି ପୂରଣ ହେବ ତ?

**ଶଗଡା,୧୫ ।୬(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ବିଦ୍ୟୁତ ସବ୍ ଷ୍ଟେସନକୁ ସୋନପୁର ଦେଇ ବଲାଙ୍ଗିରରୁ ୩୩ କେଭି ବିଦ୍ୟୁତ୍ ବିତରଣ ହେଉଛି। ସୋନପୁର ପାଶ୍ୱର୍ରୁ ପ୍ରାୟ ୮ ଶହ ମିଟର ତେଲନଦୀ ଭିତର ଦେଇ ମନମୁଣ୍ଡାକୁ ଏହି ତାର ଝୁଲି ଆସିଛି। ଏତେ ଦୂର ଦେଇ ଏହି ଓଜନଦାର ତାର ଓହଳି ଯାଇଥିବାରୁ ପ୍ରତ୍ୟେକ ବର୍ଷ ଗ୍ରୀଷ୍ମରେ ତାର ଛିଣ୍ଡି ଯାଉଛି। ଏହା ଫଳରେ ଏଥିପାଇଁ କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ପ୍ରାୟ ଅଢେଇ ଲକ୍ଷ ଲୋକ ୨/୩ ଦିନ ଧରି ଅନ୍ଧାରରେ ଜୀବନ ବିତାଇବାକୁ ବାଧ ହୋଇଥାନ୍ତି। ଏହି ୩୩ କେଭି ତାର ଓ ଟେକ୍ନିକାଲ ଟିମ୍ କଟକରୁ ଆସି ମରାମତି କରିଥାନ୍ତି। ବାରମ୍ବାର ଏହି ସମସ୍ୟା ଦେଖା ଦେଉଥିବାରୁ ଏହାର ସ୍ଥାୟୀ ସମାଧାନ ପାଇଁ ତେଲ ନଦୀ ଉପରେ ୨ଟି କଂକ୍ରିଟ ନିର୍ମିତ ସୁଉଚ୍ଚ ବିଦ୍ୟୁତ୍ ଟାୱାର ନିର୍ମାଣ କରି ଅଞ୍ଚଳବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସୁବିଧା ଯୋଗାଇ ଦେବାକୁ ମନମୁଣ୍ଡାବାସୀଙ୍କ ପକ୍ଷରୁ ବିଜେପି ନେତା ନିରଞ୍ଜନ କର୍ଣ୍ଣ ଗତ ୧୦ ବର୍ଷ ହେଲା କଣ୍ଟାମାଳର ତତକାଳୀନ ବିଧାୟକ ମହୀଧର ରଣାଙ୍କଠାରେ ଅନେକ ଥର ଅଭିଯୋଗ କରିଥିଲେ ହେଁ ଏପର୍ଯ୍ୟନ୍ତ ଉକ୍ତ ବହୁ ପ୍ରତିକ୍ଷିତ ଟାୱାର ନିର୍ମାଣ ହୋଇପାରି ନାହିଁ। ଅବଶ୍ୟ ନିର୍ବାଚନ ପରେ ଏହି ଟାୱାର ନିର୍ମାଣକୁ ପ୍ରାଥମିକତା ଦେବେ ବୋଲି ଶ୍ରୀ ରଣା ପ୍ରତିଶ୍ରୁତି ଦେଇଥିଲେ; ହେଲେ ତାଙ୍କ ପରାଜୟ ସହିତ ବିଜେପି ନେତା କହ୍ନେଇ ଚରଣ ଡାଙ୍ଗ ବିଧାୟକ ହେଲେ। ଏବେ ସମୟ ଆସିଛି ବିଜେପି ନେତା ଶ୍ରୀ କର୍ଣ୍ଣ ଏହି ଟାୱାର ନିର୍ମାଣ ସମ୍ପର୍କରେ ଶ୍ରୀ ଡାଙ୍ଗଙ୍କ ସହିତ ଆଲୋଚନା କରି ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପକୁ ଫଳପ୍ରଦ କରିବାକୁ ଚେଷ୍ଟା କରିବା। ଅନ୍ୟଥା ଯଥା ପର୍ବଂ ତଥା ପରଂ ହୋଇ ଉକ୍ତ ପ୍ରକଳ୍ପ ହୋଇ ନ ପାରି ମନମୁଣ୍ଡାବାସୀଙ୍କ ଦୁଃଖ ପାଲଟିବ। ଏ ସମ୍ପର୍କରେ ବିଜେପି ନେତା ଶ୍ରୀ କର୍ଣ୍ଣଙ୍କୁ ପଚାରିବାରୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରି ତେଲନଦୀ ଭିତରେ ଖୁବ୍ ଶୀଘ୍ର ଟାୱାର ନିର୍ମାଣ କରାଯିବ ବୋଲି କହିଛନ୍ତି।

**ତେଲନଦୀରେ ସୁଉଚ୍ଚ ବିଦ୍ୟୁତ୍ ଟାୱାର ପ୍ରସଙ୍ଗ**

# ମନ୍ତ୍ରୀଶୂନ୍ୟ ହୋଇଗଲା ସୁବର୍ଣ୍ଣପୁର ଜିଲ୍ଲା

- ■ ନିରଞ୍ଜନ, ପଦ୍ମନାଭ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଛନ୍ତି
- ■ ଉଚ୍ଚଶିକ୍ଷିତ ରଘୁନାଥଙ୍କୁ ଅଣଦେଖା; ସମର୍ଥକ ଅସନ୍ତୁଷ୍ଟ

ସୋନପୁର,୧୫ ।୬(ସମିସ): ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ସମୟରେ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସୁବର୍ଣ୍ଣପୁର ଜିଲ୍ଲାର ଏକ ସ୍ୱତନ୍ତ୍ର ସ୍ଥାନ ରହିଥିଲା। ଏହି ଜିଲ୍ଲାରୁ ନିର୍ବାଚିତ ବିଧାୟକମାନେ ମନ୍ତ୍ରୀ ହୋଇ ଅର୍ଥ, ଜଳସଂପଦ, ସ୍ୱାସ୍ଥ୍ୟ, ପରିବହନ, ଯୋଜନା ସଂଯୋଜନା ଆଦି ବିଭାଗକୁ ସୁଚାରୁରୂପେ ପରିଚାଳନା କରିଥିଲେ। ୨୦୧୯ରୁ ୨୦୨୨ ଯାଏଁ ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ଏବଂ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ଉଭୟ ବିଧାୟକ ନିରଞ୍ଜନ ପୂଜାରୀ ଏବଂ ପଦ୍ମନାଭ ବେହେରା ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଭୟଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ପ୍ରଦାନ କରିଥିଲେ। ତେବେ ଚଳିତ ନିର୍ବାଚନରେ ସବୁ ବଦଳି ଯାଇଛି। ନିର୍ବାଚନରେ ବିଜୟ ଲାଭକରି ବିଜେପି ସରକାର ଗଠନ ହେବା ପରେ ସୁବର୍ଣ୍ଣପୁର ଜିଲ୍ଲାକୁ ପୂର୍ବ ଭଳି ଆଉ ଗୁରୁତ୍ୱ ଦିଆଯାଇ ନାହିଁ। ଜିଲ୍ଲାକୁ ମନ୍ତ୍ରୀ ଶୂନ୍ୟ କରି ଦେଇଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବୀରମହାରାଜପୁର ନିର୍ବାଚନ ମଣ୍ଡଳିରେ ବିଜେପି ପ୍ରାର୍ଥୀ ରଘୁନାଥ ଜଗଦଲା ନିର୍ବାଚନ ଜିତିଛନ୍ତି। ତାଙ୍କୁ କିନ୍ତୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିନାହିଁ। ରଘୁନାଥ ପ୍ରଥମ ଥର ବିଧାୟକ ହୋଇଥିଲେ ମଧ୍ୟ ସେ ଉଚ୍ଚ ଶିକ୍ଷିତ। ସେ ଜଣେ ପୂର୍ବତନ ମେରାଇନ ଇଂଜିନିୟର। ଏମବିଏ ତଥା ମେକାନିକାଲ ଇଞ୍ଜିନିଅରିଂ ପଢିଥିବା ରଘୁନାଥଙ୍କୁ ମନ୍ତ୍ରିମଣ୍ଡଳରେ ନିଶ୍ଚୟ ସ୍ଥାନ ମିଳିବ ବୋଲି ଜିଲ୍ଲାରେ ଚର୍ଚ୍ଚା ହେଉଥିଲା। ରଘୁନାଥଙ୍କୁ ମନ୍ତ୍ରୀ କରା ନ ଯିବାରୁ ତାଙ୍କର ଶୁଭେଚ୍ଛୁ ତଥା ସମର୍ଥକ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ମନ୍ତ୍ରିମଣ୍ଡଳ ପରିବର୍ଦ୍ଧିତ ହେଲେ ରଘୁନାଥଙ୍କୁ ସ୍ଥାନ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି।

# ଅଢେଇ ବର୍ଷ ହେଲା ସହାୟତା ମିଳୁନି



**ବିନିକା,୧୫ ।୬(ସମିସ):** ବିନିକା ତହସିଲ ଅଧୀନ ଶଙ୍କରା ପଞ୍ଚାୟତ କୌଡିଆମୁଣ୍ଡା ଗ୍ରାମର ଚାଷୀ ଶଙ୍କର କୁମ୍ଭାରଙ୍କ ଘରର କାନ୍ଥ ପଡି ୧୦ଟି ଛେଳିଙ୍କ ମୃତ୍ୟୁ ହେବାର ଇତି ମଧ୍ୟରେ ଅଢ଼େଇ ବର୍ଷରୁ ଅଧିକ ସମୟ ବିତି ଗଲାଣି। ତାଙ୍କୁ ଏ ପର୍ଯ୍ୟନ୍ତ କିନ୍ତୁ ସହାୟତା ରାଶି ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି। ସହାୟତା ପାଇଁ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ସେ ପ୍ରକାଶ କରିଛନ୍ତି। ୧୩।୯।୨୦୨୧ରେ ଲଘୁଚାପ ଜନିତ ବର୍ଷାରେ ଶଙ୍କରଙ୍କ ଗୁହାଳ ଘର ଭାଙ୍ଗି କାନ୍ଥ ପଡିଯିବାରୁ ୧୦ଟି ଛେଳିଙ୍କ ମୃତ୍ୟୁ ଘଟିଥିଲା। ୮ ଟି ଛେଳି ଆହତ ହୋଇଥିଲେ। ସେହିପରି ଗାଁର ଦାସରଥି ମରପାଚିଙ୍କ ମଧ୍ୟ ୨ଟି ଛେଳି ମରିଯାଇଥିଲେ। ଏ ନେଇ ତତ୍କାଳୀନ ବିନିକା ତହସିଲଦାରଙ୍କୁ ଶ୍ରୀ କୁମ୍ଭାର ଲିଖିତ ଭାବେ ଜଣାଇଥିଲେ। ସେ ସମୟରେ ବିନିକା ତହସିଲଦାର ତଦନ୍ତ କରି ରିପୋର୍ଟ ଦେବାକୁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ; ହେଲେ ଆଜିକୁ ଅଢ଼େଇ ବର୍ଷ ବିତିଯାଇଥିଲେ ମଧ୍ୟ ଅଧିକାରୀଙ୍କ ଖାମ ଖିଆଲି ମନୋଭାବ ଯୋଗୁଁ ସହାୟତା ମିଳିପାରି ନାହିଁ। ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ଏମାନେ ନୟାନ୍ତ। କେବଳ ପ୍ରତିଶ୍ରୁତି ହିଁ ସାର ହୋଇଛି। ଅନ୍ୟପକ୍ଷେ ବିନିକାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ୩ ଥର ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନି।

# ଆବର୍ଜନାରେ ପୋତି ହୋଇଗଲାଣି ଡ୍ରେନ୍

**ମନମୁଣ୍ଡା,୧୫ ।୬(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡାରେ ୫୭ ନମ୍ବର ଜାତୀୟ ରାଜପଥ କଡ଼ର ଡ୍ରେନ୍ ମୁକୁଳା ପଡିଛି। ଏଣୁ ଲୋକେ ଏହା ମଧ୍ୟରେ ଅଳିଆ ପକାଇ ପୋତିଦେଲେଣି।

ପଶ୍ଚିମ ଓଡ଼ିଶାରୁ ପୂର୍ବ ଏବଂ ଦକ୍ଷିଣ ଓଡ଼ିଶାର ମନମୁଣ୍ଡା ହେଉଛି ପ୍ରବେଶ ଦ୍ୱାର। ଚଳିତ ବର୍ଷ ସରକାର ମନମୁଣ୍ଡାକୁ ଏନ୍‌ଏସି ମାନ୍ୟତା ଦେବା ପାଇଁ ଘୋଷଣା କରିଛନ୍ତି। ବୌଦ୍ଧ ଜିଲ୍ଲାର ଏହା ଏକ ପ୍ରମୁଖ ତଥା ଐତିହାସିକ ସହର। ଜାତୀୟ ରାଜପଥ ନିର୍ମାଣ କରାଯିବାବେଳେ ଥାନା ଛକରୁ ସୁବର୍ଣ୍ଣପାଲିସ୍ଥିତ ମହାଦେବ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଶେଷ ଭାଗ ପିଚୁ କରା ନ ଯାଇ ଛାଡ଼ି ଦିଆ ଯାଇଥିଲା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଯନ୍ତ୍ରୀ କର୍ଣ୍ଣପାତ କରି ନ ଥିଲେ। ବିଭାଗ ତରଫରୁ ସହରର ଉଭୟ ପାଶ୍ୱର୍ରେ ଡ୍ରେନ୍ ନିର୍ମାଣ କରାଯିବା କଥା; କିନ୍ତୁ ତାହା କରାଯାଇ ନାହିଁ। କେତକ ଜାଗାରେ ଡ୍ରେନ୍ ନିର୍ମାଣ କରାଯାଇଥିବାବେଳେ ଅଧିକାଂଶ ସ୍ଥାନରେ ଡ୍ରେନ୍ କରାଯାଇ ନାହିଁ। କେତେକ ଅଞ୍ଚଳରେ କରାଯାଇଥିବା ଡ୍ରେନ୍ ମୁକୁଳା ଛାଡ଼ି ଦିଆଯାଇଛି। ଢାଙ୍କୁଣି ଲଗା ଯାଇ ନାହିଁ। ପଥିକ ଓ ଲୋକମାନେ ସେଠାରେ ମଇଳା, ଆବର୍ଜନା ପକାଇବା ଦ୍ୱାରା କୁଢ଼ କୁଢ଼ ଅଳିଆ ପଡ଼ି ରହୁଛି। ସାମାନ୍ୟ ପାଣି ପଡ଼ିଲେ ଦୁର୍ଗନ୍ଧରେ ରହିବା କଷ୍ଟକର ହୋଇ ପଡୁଛି। ମଶା ମାଛିଙ୍କ ପ୍ରାଦୁର୍ଭାବ ଯୋଗୁଁ ଲୋକେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବର୍ଷା ଋତୁରେ ଡ୍ରେନ ଓ ରାସ୍ତା ସମାନ ହୋଇ ପଡୁଥିବାରୁ ଜାଣି ନ ପାରି ଲୋକେ ଡ୍ରେନରେ ପଡ଼ି ଦୁର୍ଘଟଣାରେ ଶିକାର ହେଉଛନ୍ତି। ଏ ନେଇ ଅନେକ ଥର ଅଭିଯୋଗ କରାଯାଇଥିବାବେଳେ ଏହାର ପ୍ରତିକାର ବ୍ୟବସ୍ଥା କରାଯାଇ ନାହିଁ। ଏହାକୁ ନେଇ ପ୍ରବଳ ଜନ ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷା ଋତୁ ପୂର୍ବରୁ ଏହାର ସମାଧାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



# ପାଣି ପାଇଁ ପାଣିଶିଆଳିରେ ଲମ୍ବା ଧାଡ଼ି

**ସୋନପୁର,୧୫ ।୬ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ନିକଟ ପାଣିଶିଆଳିରେ ଏଯାଏଁ ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ଏହି ଗାଁକୁ ପାଇପ୍ ପାଣି ଯୋଗାଣ ହୋଇପାରି ନାହିଁ। କିଛି ନଳକୂପ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି। ଏଯାଏଁ ସୋନପୁର ବ୍ଲକ୍ କଳାପଥର ପଞ୍ଚାୟତ ପାଣିଶିଆଳି ଗ୍ରାମବାସୀଙ୍କୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଇବା ସମ୍ଭବ ହୋଇ ନାହିଁ। ଗାଁ ସ୍କୁଲ୍ ନିକଟରେ ଅଟକି ଯାଇଛି ଜଳ ଯୋଗାଣ ପ୍ରକଳ୍ପ। ପାଣିସିଆଳି ଗାଁରେ ବାସ କରୁଛନ୍ତି ୮୦ ପରିବାର। ୨ଟି ୱାର୍ଡରେ ରହୁଥିବା ୩୫୦/୪୦୦ ଜଣ ଗ୍ରାମବାସୀଙ୍କ ପାଇଁ ଭରସା ସାଜିଛି ୪ଟି ନଳକୂଅ। ତେବେ ମହାନଦୀ କୂଳରେ ଏହି ଗାଁ ଥିବାରୁ ସ୍ନାନଶୌଚ ପାଇଁ ଲୋକେ ନଦୀ ଉପରେ ଭରସା କରନ୍ତି। ପିଇବା ପାଣି ପାଇଁ ଖରାଦିନେ ନଳକୂଅ ପାଖରେ ଲମ୍ବା ଲାଇନ୍ ଲାଗୁଛି।



୪୦/୪୧ ଡିଗ୍ରୀ ତାପମାତ୍ରାରେ ମହିଳାଙ୍କ ପାଇଁ ସର୍ବଦା ନଳକୂଅ ସମ୍ମୁଖରେ ଲାଇନ୍‌ରେ ରହି ପାଣି ଆଣିବା କଷ୍ଟକର ବ୍ୟାପାର ହୋଇ ଯାଉଛି। ନଦୀକୂଳରେ ଅବସ୍ଥିତ ଗାଁକୁ ସ୍ୱଚ୍ଛ ପାନୀୟ ଜଳ ମିଳୁ ନ ଥିବାରୁ ପ୍ରଶାସନିକ ଅବହେଳା ବୋଲି ଲୋକେ ଅଭିଯୋଗ କରିଛନ୍ତି। ପଞ୍ଚାୟତର କେତୋଟି ଗାଁର ନଳକୂଅରେ ଲୌହ ମିଶ୍ରିତ ପାଣି ବାହାରୁଥିବାରୁ ଗାଁର ନଳକୂଅଗୁଡିକର ପାଣି ମଧ୍ୟ ସଂପୂର୍ଣ୍ଣ ନିରାପଦ ମଣୁ ନାହାନ୍ତି। ତେବେ ପାଇପ୍ ଲାଇନ୍ ବିଛାଇବା କାମ ଜାରି ରହିଛି। ପାଇପ୍ ଲାଇନ୍ ବିଛାଇବା କାମ ସରିଗଲେ ୩/୪ ମାସ ମଧ୍ୟରେ ଗାଁକୁ ଜଳ ଯୋଗାଣ ହେବ ବୋଲି ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ କହିଛନ୍ତି। ସୋନପୁର ଉପକଣ୍ଠ ଗାଁକୁ ପାଇପ ପାଣି ମିଳୁ ନ ଥିବା ବେଳେ ଆଭ୍ୟନ୍ତରୀଣ ଗାଁଗୁଡିକରେ କ'ଣ ଅବସ୍ଥା ଥିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ପାନୀୟ ଜଳ ସମସ୍ୟାର ଅନୁଧ୍ୟାନ



**ସୁବଳୟା,୧୫ ।୬(ସମିସ):** ସୁବର୍ଣ୍ଣପୁର ବୀରମହାରାଜପୁର ବ୍ଲକ ଟାଙ୍ଗରସାହି, କେନ୍ଦୁପାଲି, ଲୁମୁରଯେନା, ଟିକିରାପଡା, କୁଶାଦାଦର ଆଦି ବିଭିନ୍ନ ଗ୍ରାମରେ ଏବେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲାଙ୍କ ପରାମର୍ଶ କ୍ରମେ ଜିଲ୍ଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଅଧିକାରୀମାନେ ବିଭିନ୍ନ ଗ୍ରାମକୁ ଗସ୍ତ କରି ଲୋକଙ୍କ ସହ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା କରିଛନ୍ତି। ନିର୍ବାହୀ ଯନ୍ତ୍ରୀ ତପନ ପଧାନ, ସହକାରୀ ଯନ୍ତ୍ରୀ ରଞ୍ଜନ ପଟେଲ, କନିଷ୍ଠ ଯନ୍ତ୍ରୀ ମଞ୍ଜୁଲତା ଗୌଡ଼ ପ୍ରମୁଖ ବ୍ଲକର ଏସବୁ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେପିର ବେଣୁଧର ଦାସ, ସୁବଳୟା ମଣ୍ଡଳ ସଭାପତି ଶରତ ମିଶ୍ର, ବିପିନ ପଣ୍ଡା, ସୁମନ୍ତ ଜଗଦଲା ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ଅନେକ ସ୍ଥାନରେ ପାଇପ୍ ଫାଟି ଯାଇଥିବା ବେଳେ ତାକୁ ତୁରନ୍ତ ମରାମତି କରି ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯିବ ବୋଲି ଯନ୍ତ୍ରୀମାନେ କହିଛନ୍ତି।

# ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଲାଞ୍ଜିଗଡ଼, ୧୫।୬(ସମିସ):** ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ଲାଞ୍ଜିଗଡ଼ କଲୋନି ପଡ଼ାଠାରେ ଶୁକ୍ରବାର ଘର ଭିତରୁ ଏକ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଉଛନ୍ତି ଦୀପକ ଦୁର୍ଗା (୩୨)। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ବେଳେ ଲାଞ୍ଜିଗଡ଼ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ସୂଚନାନୁସାରେ ଦୀର୍ଘ ଆଠ ବର୍ଷ ହେବ ଦୀପକ





## ମୃତ୍ୟୁ ସନ୍ଦେହଜନକ

ଭବାନୀପାଟଣା ବଡ଼ପଡ଼ାର ଲାଞ୍ଜିଗଡ଼ କଲୋନୀ ପଡ଼ାରେ ବାହା ହୋଇଥିଲେ। ସେ ଶଶୁର ଘରେ ରହି ଲାଞ୍ଜିଗଡ଼ସ୍ଥ ବେଦାନ୍ତ କାରଖାନାର ଏକ ସହଯୋଗୀ କମ୍ପାନୀରେ କାମ କରୁଥିଲେ। ଦୀପକଙ୍କ ବିବାହ ପୂର୍ବରୁ ଶଶୁରଙ୍କ ମୃତ୍ୟୁ ଘଟିଥିବା ବେଳେ ବିବାହର କିଛି ବର୍ଷ ପରେ ସ୍ତ୍ରୀ ଏବଂ ଶାଶୁଙ୍କର ମଧ୍ୟ ଦେହାନ୍ତ ହୋଇଛି। ଶାଶୁ ଏବଂ ସ୍ତ୍ରୀଙ୍କ ଦେହାନ୍ତ ପରେ ବି ସେ ଶଶୁରଙ୍କ ଘରେ ରହି କମ୍ପାନୀରେ କାମକରି ଚଳି ଆସୁଥିଲେ। ଶୁକ୍ରବାର ସନ୍ଧ୍ୟାରେ କଲୋନୀପଡ଼ାର ସାହିପଡ଼ିଶା ଲୋକେ ଦୀପକଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ଲାଞ୍ଜିଗଡ଼ରେ ପହଞ୍ଚିବାରେ ଦୀପକଙ୍କ ବଡଭାଇ ପୂର୍ଣ୍ଣଚନ୍ଦ୍ର ଶୁକ୍ରବାର ରାତିରେ ଲାଞ୍ଜିଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲାଞ୍ଜିଗଡ଼ ଥାନାଧିକାରୀ ବିଜୟଲକ୍ଷ୍ମୀ ହିକକାଙ୍କ ନେତୃତ୍ୱରେ ଏଏସଆଇ ବଳଭଦ୍ର ଗଉଡ଼ ଲାଞ୍ଜିଗଡ଼ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହିତ ତଦନ୍ତ କରିଛନ୍ତି। ଶନିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଲାଞ୍ଜିଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା ନାଁ ଆତ୍ମହତ୍ୟା ତାହା ଜଣାପଡ଼ିବ ବୋଲି ଏଏସଆଇ ଶ୍ରୀ ଗଉଡ଼ ପ୍ରକାଶ କରିଛନ୍ତି।

# ଭଙ୍ଗାଦଦରା ଘରେ ବିତୁଛି ଶୁରୁବାଲିଙ୍କ ଜୀବନ

**କେସିଙ୍ଗା/ଗାଇଗାଁ, ୧୫।୬(ସମିସ)**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ପଥର୍ଲା ପଞ୍ଚାୟତ ଅଧୀନ ବହାଦୁର ପଦର ଗାଁ ଶୁରୁବାଲି ମାଝୀ ତାଙ୍କ ପୁଅ ଏବଂ ଝିଅଙ୍କୁ ନେଇ ଦୀର୍ଘ ବର୍ଷ ଧରି ଏକ ଭଙ୍ଗା ଦଦରା ଘରେ ନିଜର ଜୀବନ ବିତାଉଛନ୍ତି। ପ୍ରକାଶ ଥାଉକି କିଡନୀ ରୋଗରେ ପୀଡିତ ହୋଇ ଶୁରୁବାଲିଙ୍କ ସ୍ୱାମୀ ପ୍ରାଣ ହରାଇଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ଶୁରୁବାଲି ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିବା ବେଳେ ତାଙ୍କ ପୁଅ ଦାଦନ ଖଟିବାକୁ ବାହାରକୁ ଯାଇଛନ୍ତି। ଉକ୍ତ ନିରାଶ୍ରୟା ବିଧବା



ଜଣକ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ଅନେକ ଦିନ ହେଲା ଅନଲାଇନରେ ଆବେଦନ କରିବା ସହ ପଞ୍ଚାୟତକୁ ମଧ୍ୟ ପୂର୍ବରୁ ଅଭିଯୋଗ କରିଛନ୍ତି। ଅନେକ ହିତାଧିକାରୀ ଆବାସ ଯୋଜନାରେ ସାମିଲ ହେଉଛନ୍ତି କିନ୍ତୁ ଆମର ଗରିବଙ୍କ କଥା କିଏ ଶୁଣିବାକୁ କାହା ପାଖରେ ସମୟ ଅଛି ବୋଲି ଶୁରୁବାଲି ଅତି କ୍ଷୋଭରେ ସହ କହିଛନ୍ତି। ଆଗକୁ ବର୍ଷା ଦିନ ଆସୁଥିବାରୁ ବର୍ଷା ପବନରେ ଘର ଧସିବାର ମଧ୍ୟ ଆଶଙ୍କା ରହୁଛି। ଏଦିଗରେ ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ମାର୍ଜିନାଲାଇଜ୍ଡ଼ ଫୋକ୍ ଥିଏଟର ମହୋତ୍ସବ

# ଲକ୍ଷ୍ମୀପୁରାଣ ଓ ମାନ୍ଦଲ ତାଳେତାଳେ ଝୁମିଲେ ଦର୍ଶକ

**ପଦ୍ମପୁର, ୧୫।୬(ସମିସ):** ପଦ୍ମପୁର ନିକଟସ୍ଥ ଢୋଲବନ୍ଧ ସଚେତନ ହେମା ଅନୁଷ୍ଠାନରେ ହେଉଥିବା ମାର୍ଜିନାଲାଇଜ ଫୋକ ଥିଏଟର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଡାଲଖାଇ ନୃତ୍ୟ ଓ ଗୁରୁ ଆନନ୍ଦ ବାଗଙ୍କ ବ୍ରହ୍ମବୀଣା ସହ ଲକ୍ଷ୍ମୀପୁରାଣ ପରିବେଷଣ ବେଶ ହୃଦୟସ୍ପର୍ଶୀ ହୋଇଛି। ଲକ୍ଷ୍ମୀ ପୁରାଣର ପ୍ରତି ପଦକୁ ସମ୍ବୋଧିତ କରି ମହିଳାମାନେ ହୁଳହୁଳି ଦେଇଥିଲେ। ସେହିପରି ଚହଟୁ ସାହୁ ମହିଳା ଦଳର କରମସାନି ଓ ଅଇଲାଭଟିଆ ଦଳ ଧାନ ଉଡାଇବା କରମସାନି ଲୋକଙ୍କ ମନକୁ ଛୁଇଁ ପାରିଥିଲା। ମାନ୍ଦଲର ତାଳେ ତାଳେ ଦର୍ଶକ ଝୁମିଥିଲେ। ଅତିଥି ଭାବରେ ବସୁଦେବ ସାହୁ,




ଶିକ୍ଷକ ଧର୍ମେନ୍ଦ୍ର ସାହୁ, ସଙ୍ଗୀତଜ୍ଞ ଲାଲସାହେବ ସାହୁ, ଅଭିନେତା ଘନଶ୍ୟାମ ସାହୁ, ନାଟ୍ୟକାର ରାଜକୁମାର ସାହୁ ମଞ୍ଚାସୀନ ଥିଲେ। ନାଟ୍ୟକାର ରାଜକୁମାର ସାହୁ ଲୋକକଳା ଦିବସରେ ଲୋକନାଟ୍ୟର ଅନୁଚିନ୍ତା ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବୈଶାଖୁ ମେହେର, ପାଲଟନ ମହାକୁର, ପ୍ରଶାନ୍ତ ମହାପାତ୍ର, ଘନଶ୍ୟାମ ଭୋଇ, ଚତୁର୍ଭୁଜ ସାହୁ, ସଞ୍ଜୀବ ସାହୁ, ଜ୍ୟୋତି ସାହୁ, ଚାନ୍ଦିନୀ ସାହୁ, ନନ୍ଦିନୀ ସାହୁ ପ୍ରମୁଖ ସହାୟତା କରିଥିଲେ। ଆସନ୍ତାକାଲି ସଞ୍ଚାର, ସମ୍ବଲପୁରୀ ନୃତ୍ୟ ଓ ପାଲା ପରିବେଷଣ ହେବ ବୋଲି ସଂଯୋଜକ କୁଳମଣି ପଶାୟତ ସୂଚନା ପ୍ରଦାନ କରିଛନ୍ତି।

# କଲର୍ ବେଲ୍ଟ ପ୍ରମୋସନ ଟେଷ୍ଟ ଓ ସେକେଣ୍ଡ ବ୍ଲାକ୍ ବେଲ୍ଟ ଗ୍ରେଡ଼ିଙ୍ଗ ଟେଷ୍ଟ



**ବୌଦ୍ଧ, ୧୫।୬(ସମିସ):** ତାଏକ୍ୱୋଣ୍ଡୋ ଏକାଡେମୀ ବୌଦ୍ଧ ତରଫରୁ ସ୍ଥାନୀୟ ଟାଉନ୍ ହଲ୍‌ଠାରେ ବୌଦ୍ଧ ଜିଲ୍ଲା କ୍ୟୁରୋଗି ଓ ପୁମସି ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ୨ ଦିନ ଧରି ଚାଲିଥିବା ଏହି ଚାମ୍ପିଅନସିପରେ ବୌଦ୍ଧ ଜିଲ୍ଲା ମନରେଗା ଲୋକପାଳ ଡ. ଦିଲ୍ଲୀପ ମହାପାତ୍ର ଏବଂ ଓଡ଼ିଶା ତାଏକ୍ୱୋଣ୍ଡ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଚାମ୍ପିଅନସିପରେ ୨୯ଜଣ କଲର୍ ବେଲ୍ଟ ଟେଷ୍ଟରେ ଓ ୧୭ ଜଣ ବ୍ଲାକ ବେଲ୍ଟରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିଲେ। ଉପସଭାପତି ବିଶ୍ୱରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କୋଚ୍ ତଥା ସାଧାରଣ ସମ୍ପାଦକ ଅଞ୍ଜିତ ସାହୁ ବିବରଣୀ ପଠନ କରିଥିଲେ। ବିଜୟ ସାହୁ ମଞ୍ଚ ପରିଚାଳନା କରିଥିଲେ। ସଞ୍ଜୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଯଜ୍ଞେଶ୍ୱର ମିଶ୍ର, ବିଶ୍ୱରଞ୍ଜନ ମହିଶାଳ, ଅରୁଣ ମେଣ୍ଡୁଲି, ରାମଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨୦ ଫୁଟ କୂଅରୁ ବଳଦ ଉଦ୍ଧାର

**ଗାଇସିଲେଟ, ୧୫।୬(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଠାଉମାଲ ପଞ୍ଚାୟତ କନ୍ଧମୁଣ୍ଡା ଡୁଡୁକାଡ଼ିହିରେ ୨୦ଫୁଟର ଏକ କୂଅରେ ପଡ଼ିଯାଇଥିବା ଏକ ବଳଦକୁ ଉଦ୍ଧାର କରାଯାଇଛି। ପ୍ରଥମେ ଗ୍ରାମବାସୀ ବହୁ ଚେଷ୍ଟା କଲା ପରେ ବଳଦଟିକୁ ଉଦ୍ଧାର କରି ପାରି ନ ଥିଲେ। ପରେ ଅଗ୍ନିଶମ ବିଭାଗକୁ ଫୋନ୍ କରି ଜଣାଇଥିଲେ। ଅଗ୍ନିଶମ ବିଭାଗ ତୁରନ୍ତ ପହଞ୍ଚି ଥିଲେ ବି ଏତେ ବଡ କୁଅ ଭିତରୁ ବାହାର କରିବା ଖୁବ୍ କଷ୍ଟକର ହୋଇ ପଡ଼ିଥିଲା। ଶେଷରେ ଗ୍ରାମବାସୀ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ମିଶି ୨ ଘଣ୍ଟା ପରିଶ୍ରମ କରି ଶେଷରେ ବଳଦକୁ ଉପରକୁ ଆଣିବାରେ ସକ୍ଷମ ହୋଇଥିଲେ।



# ବିଶ୍ୱ ବରିଷ୍ଠ ହତାଦର ସଚେତନତା ଦିବସ



**ସୁବଳୟା/ବୀରମହାରାଜପୁର, ୧୫।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସଦର ସ୍ଥିତ ବରିଷ୍ଠ ନାଗରିକ ସଂଗଠନରେ ଶନିବାର ବିଶ୍ୱ ବରିଷ୍ଠ ହତାଦର ସଚେତନତା ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ଡ. ପ୍ରଫୁଲ୍ଲ ରଥ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସମାଜରେ ବରିଷ୍ଠଙ୍କ ହତାଦର ଓ ନିରାକରଣ ପ୍ରସଙ୍ଗ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଶିକ୍ଷାବିତ କୃଷ୍ଣଚନ୍ଦ୍ର ପାଢ଼ୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଭଗବାନ ମିଶ୍ର, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଭୂଷଣ ପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ସମ୍ପାଦକ ସନ୍ତୋଷ ଷଡଙ୍ଗୀ ଉଦ୍ଦେଶ୍ୟ ଜ୍ଞାପନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ବରିଷ୍ଠ ସଭ୍ୟ ସୁଦାମ ଚରଣ ସେଠୀ, ରମେଶ ପଣ୍ଡା, ଶ୍ରୀନିବାସ ଅଗ୍ରୱାଲା, ରାଧେଶ୍ୟାମ ରାୟ, ନାରାୟଣ ନାଏକ, ଭୀମସେନ ବାରିକ, ଗୋପୀନାଥ ମହାକୁର, ଧ୍ରୁବଚରଣ ଦାଶ, ଧନୁ ପଧାନ, ବଳରାମ କାଣ୍ଡ, ସୌମିତ୍ରୀ ମେହେର, ଅକ୍ରୁର ଦନ୍ତା, ବାସୁଦେବ ପଣ୍ଡା, ବାସୁଦେବ ରଥ, ଅକ୍ଷୟ ମିଶ୍ର, ଦିଲ୍ଲୀପ ମିଶ୍ର, ଦିଲ୍ଲୀପ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ପନିପରିବାରେ ହାତ ମାରିହେଉନି



**ସିନାପାଲି, ୧୫।୬(ସମିସ)**

ନିର୍ବାଚନ ସରି ନୂତନ ସରକାର ଗଠନର କିଛି ଦିନ ପରେ ସାରା ରାଜ୍ୟରେ ଖାଉଟିଙ୍କୁ ମହଙ୍ଗା ମାଡ଼ର ସାମ୍ନା କରିବାକୁ ପଡୁଛି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ସମେତ ତେଲ, ଡାଲି ପରେ ପନିପରିବା ଦର ଆକାଶ ଛୁଆଁ ହୋଇଥିବା ବେଳେ ଚିନ୍ତାରେ ଖାଉଟି ଭାଙ୍ଗି ପଡ଼ିଛି। ଏଭଳି ସ୍ଥିତିରେ ଏଥିରୁ ବାଦ ପଡ଼ି ନାହିଁ ନୂଆପଡ଼ା ଜିଲ୍ଲାର ସୀମାନ୍ତ ସିନାପାଲି ଅଞ୍ଚଳ। ସିନାପାଲି ବ୍ଲକ ଛତିଶଗଡ଼ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ। ଏହି ଅଞ୍ଚଳକୁ ଛତିଶଗଡ଼ ରାଜ୍ୟର ରାୟପୁର ସହରରୁ ପନିପରିବା ସମେତ କିରାନା ସାମଗ୍ରୀର ବ୍ୟବସାୟ ହୋଇଥାଏ। ସିନାପାଲି ଅଞ୍ଚଳର କିଛି ବ୍ୟବସାୟୀ ପ୍ରତି ଦିନ ଭୋର ସମୟରେ ଏଠାକୁ ପହଞ୍ଚାଇ ଥାଆନ୍ତି। ସେଠାରୁ ଛୋଟ ବେପାରୀ ନେଇ ବ୍ୟବସାୟ କରନ୍ତି; ହେଲେ ଏହି ପନିପରିବା ଦର ଏବେ ଅସମ୍ଭାଳ ହୋଇପଡ଼ିଛି। ଯାହା ଗରୀବ ନିରୀହ ଶ୍ରେଣୀର ଲୋକ ତଥା ନିମ୍ନ ମଧ୍ୟବିତ୍ତ, ମଧ୍ୟବିତ୍ତ ପରିବାରର ମୁଣ୍ଡ ବ୍ୟଥାର କାରଣ ପାଲଟିଛି।

**ଖାଉଟି ଉପରେ ମହଙ୍ଗା ମାଡ଼**

**ଚିନ୍ତାରେ ଗରିବ, ନିମ୍ନ ମଧ୍ୟବିତ୍ତ ପରିବାର**

ସିନାପାଲି ସହରରେ ଟମାଟୋ କିଲୋ ୮୦ ଟଙ୍କା ଥିବା ବେଳେ ପିଆଜ କିଲୋ ୫୦ ଟଙ୍କା, ପୋଟଳ କିଲୋ ୮୦ ଟଙ୍କା, ବୋରବୋଟି ୬୦ ଟଙ୍କା, ଫୁଲ କୋବି ୬୦ ଟଙ୍କା ରହିଥିବା ବେଳେ ଅନ୍ୟାନ୍ୟ ପନିପରିବା ଦର ମଧ୍ୟ ପାଖା ପାଖି ରହିଛି। ଗତ ବର୍ଷ ଅଧିକାଂଶ ପରିବା ଶତକ ପାର କରିଥିଲା। ଟମାଟୋ ୧୫୦ଟଙ୍କାରୁ ଅଧିକ ଛୁଇଁ ଥିଲା। ଖାଉଟିଙ୍କୁ ଦୀର୍ଘ ମାସ ଧରି ପରିବା କିଣା କଷ୍ଟ ଦେଇଥିଲା। ତେବେ ପୁଣି ପରିବା ଦର ଉପରମୁହାଁ ହୋଇଥିବାରୁ ଖାଉଟି ଚିନ୍ତାରେ ରହିଛନ୍ତି। ଲୋକେ କିଣିଲା ବେଳେ ଭାବି ଚିନ୍ତି କିଣୁଛନ୍ତି।

ଅନ୍ୟ ସାମଗ୍ରୀ ଉପରେ ବିଚାରକୁ ନେଲେ ଡାଲି କିଲୋ ୧୮୦ଟଙ୍କା ବିକ୍ରି ହେଉଥିବା ବେଳେ ତେଲ ୧୫୦ ଟଙ୍କା, ଚିନି ୪୨ ଟଙ୍କାରେ ବର୍ଦ୍ଧିତ ଦାମରେ ବିକ୍ରି ହେଉଛି। ବର୍ତ୍ତମାନ ଖାଦ୍ୟ ସାମଗ୍ରୀର ଦର ସବୁଠାରୁ ଅଧିକ ବଢ଼ିଛି। ନିର୍ବାଚନ ପରେ ଏଭଳି ବଜାର ଦର ସଧାରଣ ଖାଉଟିଙ୍କ ନିଦ ହଜାଇ ଦେଇଛି। ବଜାର ତାତି ଏଭଳି ହେଉଛି ଯେ, ଖରା ତାତିଠାରୁ ବଢ଼ି ଗଲାଣି। ସତେ ଯେମିତି ବଜାର ଦର ଉପରେ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣ ହଜି ଯାଇଛି।

## ସେମାନଙ୍କ ମୁହଁରୁ...



ପନିପରିବା ଦରକୁ ନେଇ ଭାରି ଚିନ୍ତିତ। ହଠାତ ଦର ବୃଦ୍ଧି ଆମ ମୁଣ୍ଡରେ ଚଡ଼କ ସଦୃଶ୍ୟ। ଏହା ଉପରେ ନିୟନ୍ତ୍ରଣ ନ ହେଲେ ଆଗକୁ ଆହୁରି ବଢ଼ିବାର ଆଶଙ୍କା ରହିଛି। ସିନାପାଲି ଭଳି ଏକ ସୀମାନ୍ତରେ ଏତେ ଟଙ୍କା ଦେଇ କିଣିବା ବହୁତ କଷ୍ଟ ଦାୟକ।

**ରମେଶ ଚନ୍ଦ୍ର ଖର୍ସେଲ (ଖାଉଟି)**



ଦରଦାମ ବୃଦ୍ଧି ହେବା ପରେ ଖାଉଟି ମଧ୍ୟ ଚିନ୍ତାରେ ରହିଛନ୍ତି। ଆମ ଦୋକାନରେ ମଧ୍ୟ ଆଗ ଭଳି ଭିଡ଼ ରହୁନି। ଯେତେ ପରିମାଣରେ ଖାଉଟି ସାମଗ୍ରୀ କିଣିବା କଥା ତାହା ଆଗ ଭଳି କମି ଯାଇଛି। ଯାହାବି ନେଉଛନ୍ତି ଅଳ୍ପ ବହୁତ। ଆମ ଧନ୍ଦାରେ ମଧ୍ୟ କମି ଯାଇଛି। ତଥାପି ସନ୍ତୁଷ୍ଟ ହେବାକୁ ପଡୁଛି।

**ବିକାଶ ଯୋଶୀ (କିରାନା ଦୋକାନୀ)**



ଦରଦାମ ବୃଦ୍ଧି ପାଇଛି। ଆମକୁ ଲୋକେ ପଚାରୁଛନ୍ତି। ଏତେ ଦାମ୍ କେମିତି ବୋଲି। ରାୟପୁରରୁ ଆସୁଥିବା ସାମଗ୍ରୀରୁ ଦାମ୍ ବଢ଼ିଛି ବୋଲି କହି କଷ୍ଟେ ମଷ୍ଟେ ବିକୁଛୁ। ଆମେ ବି ଆଗ ଯେତିକି ପରିମାଣରେ ରଖୁଥିଲୁ ତାହାଠାରୁ କମ୍ ରଖୁଛୁ। ଖରାରେ ଶୁଖିଗଲେ ଗ୍ରାହକ ଆଉ ନେବେନି। ଆମେ କ୍ଷତି ସହିବୁ।

**ଯୁକ୍ତେ ଦେଇ ବାଗ (ପରିବା ବ୍ୟବସାୟୀ)**



ନିର୍ବାଚନ ସରୁ ସରୁ ଏତେ ଦରଦାମ ବୃଦ୍ଧି ହେବା ଚକିତ କରିଛି। ତେଲଠାରୁ ଡାଲି ଏବେ ପନିପରିବା ଆଉ କିଣିବା ଆମ ପକ୍ଷେ ଅସମ୍ଭବ ହୋଇ ପଡୁଛି। ୫୦୦ଟଙ୍କାରେ ବ୍ୟାଗ ଭରୁନି। ଏଭଳି ହେଲେ ଆମେ ମଧ୍ୟବିତ୍ତ ଶ୍ରେଣୀର ଲୋକ କିପରି ଚଳିବୁ? ଏଥିପ୍ରତି ସରକାର ଦୃଷ୍ଟି ଦେଇ ନିୟନ୍ତ୍ରଣ କରିବାର ଜରୁରୀ। ଆମ ସିନାପାଲି ଅଞ୍ଚଳରେ ସେଭଳି ଲୋକଙ୍କ ଆୟ ମାଧ ନାହିଁ। ଏଭଳି ପରିସ୍ଥିତିରେ ପରିବାର ଚଳାଇବା କଷ୍ଟକର ହୋଇ ପଡୁଛି।

**ବୈଶାଖୀ ନାଏକ, (ଗୃହିଣୀ)**

# ମନମୁଣ୍ଡା ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ଶଗଡ଼ା, ୧୫।୬(ସମିସ):** ମନମୁଣ୍ଡା ରଥଯାତ୍ରା ଧୁମଧାମରେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନମୁଣ୍ଡା ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ବୈଠକରେ ରଥଯାତ୍ରା ପରିଚାଳନା କମିଟି, ଦଧିବାମନ ମନ୍ଦିର ପରିଚାଳନା କମିଟି ଓ ମାଉସୀ ମା (ଭାଗବତ ମନ୍ଦିର) ମନ୍ଦିର ପରିଚାଳନା କମିଟିର ସଦସ୍ୟ ଯୋଗ ଦେଇଥିଲେ। ରଥଯାତ୍ରା ପରିଚାଳନା କମିଟିର ସମ୍ପାଦକ ଗଣେଶ ତ୍ରିପାଠୀଙ୍କ ଦ୍ୱାରା ଗତବର୍ଷ ରଥଯାତ୍ରା ସମୟର ଆୟବ୍ୟୟର ହିସାବ ପଠନ କରାଯାଇଥିଲା। କମିଟି ତରଫରୁ ପୁରୁଣା ରଥର ସ୍ଥିତି ଅନୁଧ୍ୟାନ ପୂର୍ବକ ରଥ, ଶ୍ରୀ ଜୀଉଙ୍କ ଅଳଙ୍କାର ଓ ସୁଦର୍ଶନ ଚକ୍ରର ମରାମତି ପାଇଁ ଆଲୋଚନା କରାଯାଇଥିଲା। ରଥଯାତ୍ରା ପୂର୍ବରୁ ମନ୍ଦିର ଚତୁଃପାର୍ଶ୍ୱ ଓ ରଥ ଖଳା ରାସ୍ତାର ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଆଲୋଚନା କରାଯାଇଥିଲା। ମନମୁଣ୍ଡାସ୍ଥିତ ଶ୍ରୀ ଶ୍ରୀ ଦଧିବାମନ ମନ୍ଦିର ବୌଦ୍ଧ ଦେବୋତ୍ତର ବିଭାଗ ଅଧୀନରେ ରହିଛି ହେଲେ ମନ୍ଦିରର ନୀତିକାନ୍ତି ପାଇଁ ଅନୁଦାନ ମିଳୁନି। ଏହି ମନ୍ଦିରକୁ ଜିଲ୍ଲା ପ୍ରଶାସନ ତଥା ଦେବୋତ୍ତର ବିଭାଗ ଅଣଦେଖା କରୁଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଛି। ମନମୁଣ୍ଡା ସରପଞ୍ଚ ରଞ୍ଜୁ ବେହେରା ସଭାପତିତ୍ୱ କରିଥିଲେ। ଶ୍ରୀ ଶ୍ରୀ ଦଧିବାମନ ମନ୍ଦିର ପରିଚାଳନା କମିଟି ତରଫରୁ ସଭାପତି ବିପ୍ର ଚନ୍ଦ୍ର ବେହେରା, ସମ୍ପାଦକ ଗଣେଶ ଲୋଇ, କୋଷାଧ୍ୟକ୍ଷ ନରେନ୍ଦ୍ର ମେହେର ସଭ୍ୟ ତଥା ପ୍ରାଧ୍ୟାପକ ନିରଞ୍ଜନ ହୋତା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ତ୍ରିପାଠୀ, ଚନ୍ଦ୍ରଶେଖର ମେହେର ମାଉସୀ ମା ମନ୍ଦିର ତରଫରୁ ନାରାୟଣ ମେହେର, ଭୁବନ ମେହେର, ପ୍ରଭାତ ମେହେର ରଥଯାତ୍ରା ପରିଚାଳନା କମିଟି ତରଫରୁ ସରପଞ୍ଚ ତଥା ସଭାନେତ୍ରୀ ରଞ୍ଜୁ ବେହେରା, ଉପସଭାନେତ୍ରୀ ତନୁପ୍ରିୟା ସେନାପତି, ସମାଜସେବୀ ଜାନୀ ସେନାପତି ଓ ସମାଜସେବୀ ସମ୍ବିତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



